ଧରିତ୍ରୀ
DHARITRI
ଗୁରୁବାର, ୧୩ ଫେବୃୟାରୀ , ୨୦୨୦



ଗୋଟିଏ ମାତ୍ର ପ୍ରକୃତ ମୁଦ୍ରା ଅଛି, ଯାହା ସାହାଯ୍ୟରେ ସବୁ ପ୍ରକାର ଦ୍ରବ୍ୟ କ୍ରୟ କରାଯାଇପାରେ। ସେ ହେଉଛି ଜ୍ଞାନ।
- ସକ୍ରେଟିସ୍



## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ନାବାଳକ ଗୁରୁତର

ପଦ୍ମପୁର, ୧୨।୨(ଡି.ଏନ୍.ଏ.): ବୁଧବାର ଅପରାହ୍ନରେ ଦୁର୍ଘଟଣା ଘଟି ଜଣେ ନାବାଳକ ଗୁରୁତର ହୋଇଛନ୍ତି। ତାଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଗୁରୁତର ଜଣଙ୍କ ସ୍ଥାନୀୟ ଅଞ୍ଚଳର ରୋଶନ ପାଣିଗ୍ରାହୀ। ସେ ପଦ୍ମପୁରର ଏକ ଘରୋଇ ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ର। ପ୍ରକାଶ ଯେ, ରୋଶନ ନିଜ ୨ଜଣ ସାଙ୍ଗଙ୍କୁ ଏକ ସ୍କୁଟରରେ ବସାଇ ସ୍କୁଲରୁ ପଦ୍ମପୁର ଅଭିମୁଖେ ଆସୁଥିଲେ। ହଠାତ୍ ଭାରସାମ୍ୟ ହରାଇ ସ୍କୁଟରଟି ଓଲଟି ପଡ଼ିଥିଲା। ଏଥିରେ ରୋଶନଙ୍କ ମୁଣ୍ଡରେ ଗଭୀର କ୍ଷତ ହୋଇଥିଲା। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ପଦ୍ମପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସିଟି ସ୍କାନ ପାଇଁ ରୋଶନଙ୍କୁ ବ୍ରହ୍ମପୁର ମେଡିକାଲକୁ ପଠାଯାଇଛି। ସହରରେ ବିଭିନ୍ନ ସମୟରେ ନାବାଳକମାନେ ଏଭଳି ବେଆଇନଭାବେ ଗାଡି ଚଳାଇ ଦୁର୍ଘଟଣାର ଶିକାର ହେଉଛନ୍ତି। ଏଥିପ୍ରତି ଅଭିଭାବକମାନେ ସଚେତନ ହେଲେ ଦୁର୍ଘଟଣା ରୋକାଯାଇ ପାରିବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

### ସ୍କୁଲ ପାଚେରି ଭାଙ୍ଗି ୭ ସାଇକେଲ ନଷ୍ଟ

ରାୟଗଡ଼ା ଅଫିସ, ୧୨।୨: ରାୟଗଡ଼ା ସହର ରାଣୀଗୁଡ଼ା ଫାର୍ମସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟ ପାଚେରି ବୁଧବାର ଭାଙ୍ଗିଯାଇଛି। ଏଥିରେ କେହି ମୃତାହତ ହୋଇ ନ ଥିବାବେଳେ ୭ ଛାତ୍ରୀଙ୍କ ସାଇକେଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ୨୦ ଫୁଟର ଉକ୍ତ କାନ୍ଥଟି ପୁରୁଣା ହୋଇଯାଇଥିବାରୁ ଏହା ଭାଙ୍ଗି ଯାଇଛି ବୋଲି ଅଞ୍ଚଳବାସୀ କହିଛନ୍ତି।

### ପିକ୍ଅପ୍ ଭ୍ୟାନ ଓଲଟି ୭ ଆହତ

ସୋରଡା,୧୨।୨(ଡି.ଏନ.ଏ.): ସୋରଡା-ଆସିକା ରାସ୍ତା ତତାବାଲି ଗ୍ରାମ ନିକଟରେ ବୁଧବାର ରାତି ପ୍ରାୟ ୮ଟାରେ ଏକ ପିକ୍ଅପ୍ ଭ୍ୟାନ ଓଲଟି ୭ଜଣ ଆହତ ହୋଇଛନ୍ତି। ସୋରଡା ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପ୍ରକାଶ ଯେ, ଅସୁରବନ୍ଧ ପଞ୍ଚାୟତ ଦାନ୍ତଲିଙ୍ଗିରେ ଚାଲିଥିବା ଲୁର୍ଦ୍ଦୁମେରୀ ଯାତ୍ରାରେ ବ୍ରହ୍ମପୁର ଉତ୍କଳ ପେଣ୍ଡାଲ ସାହିର ବ୍ୟବସାୟୀମାନେ କପଡା ଦୋକାନ ପକାଇଥିଲେ। ଯାତ୍ରା ସରିବା ପରେ ବୁଧବାର ଏକ ପିକ୍ଅପ୍ ଭ୍ୟାନରେ ବ୍ୟବସାୟୀମାନେ ବ୍ରହ୍ମପୁର ଫେରୁଥିଲେ। ରାତି ପ୍ରାୟ ୮ଟାରେ ତତାବାଲି ନିକଟରେ ଭ୍ୟାନଟି ଓଲଟି ପଡ଼ିଥିଲା। ସେଥିରେ ଥିବା କାହ୍ନା ବେହେରା ଗୁରୁତର ହୋଇଥିବାବେଳେ ଆକାଶ ପାତ୍ର, ମନୋଜ କୁମାର, ଶଙ୍କର ସାହୁ, ସନ୍ତୋଷ ବେହେରା, ମୁନା ବେହେରା, କାଳିଆ ବାଉତ୍ୟା ଆହତ ହୋଇଥିଲେ। ସୋରଡା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ସନ୍ତୋଷ କୁମାର ସେମାନଙ୍କୁ ବ୍ରହ୍ମପୁର ପଠାଇଥିଲେ। ଥାନା ଅଧିକାରୀ ରମେଶ କୁମାର ପ୍ରଧାନ ପହଞ୍ଚି ପରିସ୍ଥିତି ଅନୁଧାନ କରୁଛନ୍ତି।

# ସ୍କୁଲରେ ଖେଳିବାବେଳେ ବିଦ୍ୟୁତ୍ ଝଟକା ଖାଇଲେ ଛାତ୍ର

■ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି

■ବିପଦସଙ୍କୁଳ ଭାବେ ଝୁଲି ରହିଛି ବିଦ୍ୟୁତ୍ ତାର

ରାୟଗଡ଼ା ଅଫିସ, ୧୨।୨

ସ୍କୁଲରେ ଖେଳୁଥିବା ବେଳେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଣେ ଛାତ୍ର ଗୁରୁତର ହୋଇଛନ୍ତି। ଛାତ୍ର ଜଣଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ରାୟଗଡ଼ା ଜିଲା କୋଲନରା ବ୍ଲକ ଡୁମୁରିଗୁଡା ଆଶ୍ରମ ବିଦ୍ୟାଳୟରେ ବୁଧବାର ଏହି ଘଟଣା ଘଟିଛି। ଗୁରୁତର ଛାତ୍ରଜଣଙ୍କ ହେଲେ ଚତୁର୍ଥ ଶ୍ରେଣୀର ପ୍ରବୀନ ହୁଇକା। ସୂଚନାଅନୁଯାୟୀ, ପ୍ରବୀନ ମଧ୍ୟାହ୍ନଭୋଜନ ପରେ ସାଙ୍ଗମାନଙ୍କ ସହ ସ୍କୁଲରେ ଖେଳୁଥିଲେ। ଏହି ସମୟରେ ସ୍କୁଲ ଦେଇ ଯାଇଥିବା ଏକ ତାର ସଂସ୍ପର୍ଶରେ ପ୍ରବୀନ ଆସିଯାଇଥିଲେ। ପିଲାମାନେ ଘଟଣା ସମ୍ପର୍କରେ ଶିକ୍ଷକମାନଙ୍କୁ ଜଣାଇଥିଲେ। ଶିକ୍ଷକ ଏମ୍. ଶିବ ପ୍ରସାଦ, ସିସିଏ ଆଚାରି ହିକ୍କା ଓ ମିଥୁନ ହିକ୍କା ପ୍ରବୀନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଛନ୍ତି। ସ୍କୁଲ ଭିତରେ ଏକ ବିଦ୍ୟୁତ ତାର ଝୁଲି ରହିଛି। ଏ ନେଇ ଥେରୁବାଲି ସବ୍‌ଷ୍ଟେଶନରେ ଜଣାଇବା ସତ୍ତ୍ୱେ ତାରକୁ ହଟାଇବା ବ୍ୟବସ୍ଥା କରାଯାଉନାହିଁ ବୋଲି ସହାୟକ ଶିକ୍ଷକମାନେ କହିଛନ୍ତି। ଘଟଣା ସମ୍ପର୍କରେ ସାଉଥ୍‌କୋ ନିର୍ବାହୀ ଯନ୍ତ୍ରୀ ନାରାୟଣ ଚନ୍ଦ୍ର ନାୟକଙ୍କୁ ପଚାରିବାରୁ, ସ୍କୁଲକୁ ଯାଇ ଅଧିକାରୀମାନେ ଘଟଣାର ତଦନ୍ତ କରିବେ। ଯଦି କୌଣସି ବିଦ୍ୟୁତ ତାର ଝୁଲି ରହିଥିବ, ତାକୁ ତୁରନ୍ତ ହଟାଇବା ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ପ୍ରଧାନଶିକ୍ଷକ ଦେବାଶିଷ ସାମଲ ଛୁଟିରେ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନି।

# ଜଙ୍ଗଲରେ ନିଆଁ ଲଗାଇବା ଦଣ୍ଡନୀୟ ଅପରାଧ

## ଜଙ୍ଗଲ ନିଆଁ ପ୍ରତିରୋଧ, ପ୍ରତିକାର ସଚେତନତା ଶିବିର

ମୁନିଗୁଡା, ୧୨।୨ (ଡି.ଏନ୍.ଏ.)

ମୁନିଗୁଡା ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ସଂଲଗ୍ନ ସମ୍ମିଳନୀ କକ୍ଷରେ ବୁଧବାର ଜଙ୍ଗଲ ନିଆଁ ପ୍ରତିରୋଧ ଓ ପ୍ରତିକାର ସମ୍ପର୍କରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ବନାଞ୍ଚଳ ଅଧିକାରୀ ପ୍ରସନ୍ନ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବନ ସଂରକ୍ଷଣ ସମିତିଗୁଡିକର ସଭାପତି ଓ ସକ୍ରିୟ ସଦସ୍ୟ ସାମିଲ ହୋଇଥିଲେ। ସାମାଜିକ କର୍ମୀ ଗୌରାଙ୍ଗ ଚରଣ ରାଉତ, ହର୍ଷଟ୍ରଷ୍ଟ ଜିଲା ସଂଯୋଜକ ଶରତ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଗ୍ରାମାଞ୍ଚଳ ଜନସାଧାରଣଙ୍କ ଜୀବନ ଜୀବିକାର ମୂଳ ଉତ୍ସ ଜଙ୍ଗଲ। ଏହାକୁ ନିଆଁ ଦାଉରୁ ରକ୍ଷା କରିବା ସହିତ ଜଙ୍ଗଲୀ ଜୀବଜନ୍ତୁଙ୍କ ହତ୍ୟାକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରାଯିବା ବିଷୟରେ ଆଲୋଚନା କରାଯାଇଥିଲା। ଗ୍ରାମ ଗୋଷ୍ଠୀ, ଏସ୍ଏଚ୍‌ଜି, ଯୁବକ ସଂଘ, ବନ ସଂରକ୍ଷଣ ସମିତି ସଦସ୍ୟମାନେ ଏ ଦିଗରେ ଆନ୍ତରିକ ଉଦ୍ୟମ କରିବାକୁ ସଂକଳ୍ପବଦ୍ଧତା ପ୍ରକାଶ କରିଥିଲେ। ଫେବୃୟାରୀ ୧୫ରୁ ଜୁନ୍ ୧୫ ପର୍ଯ୍ୟନ୍ତ ଜଙ୍ଗଲରେ ନିଆଁ ନ ଲଗାଇବାକୁ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗର ନିର୍ଦ୍ଦେଶ ଦେଇଛି। ଜଙ୍ଗଲରେ ନିଆଁ ଲଗାଇବା ଏକ ଦଣ୍ଡନୀୟ ଅପରାଧ ବୋଲି ଅତିଥିମାନେ କହିଥିଲେ। ବନାଞ୍ଚଳ ଅନ୍ତର୍ଗତ ଅମ୍ବାଦଳା, ବିଷମକଟକ, ଦୁର୍ଗୀ, ଡାଙ୍ଗସୋରଡା, ଚନ୍ଦ୍ରପୁର ସେକ୍ସନ୍‌ର କର୍ମଚାରୀ ଉପସ୍ଥିତ ଥିଲେ। ଶିବିର ପରିଚାଳନାରେ ବନପାଳ ହରିଶ୍ଚନ୍ଦ୍ର ମାର୍ଥା, ଚନ୍ଦ୍ରଶେଖର ସାହୁ, ପ୍ରଦ୍ୟୁମ୍ନ କୁମାର ବେହେରା, ଅଦ୍ୱୈତ ପ୍ରସାଦ ପ୍ରଧାନ, ଜୟଦେବ ନାୟକ ବେହେରା, ଡମ୍ବରୁଧର ସେନାପତି ସହାୟତା କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

### ୨୫ ମହିଳାଙ୍କୁ ମାଗଣା କମ୍ପ୍ୟୁଟର ତାଲିମ

ମୁନିଗୁଡା, ୧୨।୨ (ଡି.ଏନ୍.ଏ.)

ମୁନିଗୁଡା ଦୁବେ କଲୋନୀସ୍ଥିତ ସିଆଇଆଇଟି କମ୍ପ୍ୟୁଟର ପ୍ରଶିକ୍ଷଣ କେନ୍ଦ୍ରରେ ମହିଳାଙ୍କ ପାଇଁ ଦୁଇମାସିଆ ମାଗଣା କମ୍ପ୍ୟୁଟର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟର ନେହେରୁ ଯୁବକେନ୍ଦ୍ର ଜିଲା ଶାଖା ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁନିଗୁଡା ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ଦେବାନନ୍ଦ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବର୍ତ୍ତମାନ ସମୟରେ ମୌଳିକ କମ୍ପ୍ୟୁଟର ଶିକ୍ଷା ମହିଳାଙ୍କ ପାଇଁ ଜରୁରୀ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଦସ୍ୟ ରାମଚନ୍ଦ୍ର ବେହେରା, କ୍ରୀଡ଼ା ଅଧ୍ୟାପକ ଚତୁର୍ଭୁଜ ବନଛର, ସାମାଜିକ କର୍ମୀ ଗୌରାଙ୍ଗ ଚରଣ ରାଉତ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଶିକ୍ଷାର୍ଥୀମାନେ ନିଜକୁ ଦକ୍ଷ, ସ୍ୱାବଲମ୍ବୀ, ଉଦ୍ୟୋଗୀ କରି ଗଢ଼ି ତୋଳିବାକୁ ଅତିଥି ପରାମର୍ଶ ଦେଇଥିଲେ। ନେହେରୁ ଯୁବକେନ୍ଦ୍ର ସଙ୍ଗଠନ ପ୍ରତିନିଧି ଲକ୍ଷ୍ମୀନାରାୟଣ ସେଠୀ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଶିକ୍ଷଣ କେନ୍ଦ୍ର ସଞ୍ଚାଳକ ଲକି ଖୁରା ଧନ୍ୟବାଦ ଅର୍ପଣ କରିଥିଲେ। ୨୫ ଜଣ ସ୍ଥାନୀୟ ମହିଳା ଉକ୍ତ କେନ୍ଦ୍ରରେ ତାଲିମ ନେବେ ବୋଲି ସୂଚନା ମିଳିଛି।

# ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ଦକ୍ଷିଣାଞ୍ଚଳ ଆରଡିସି



ଦକ୍ଷିଣାଞ୍ଚଳ ଆର୍‌ଡିସି ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ଗୁଣପୁର, ୧୨।୨(ଡି.ଏନ୍.ଏ.)

ଦକ୍ଷିଣାଞ୍ଚଳ ଆର୍‌ଡିସି ଟି.ଆପଙ୍ଗ ବୁଧବାର ରାୟଗଡା ଜିଲା ରାମନାଗୁଡା ବ୍ଲକ ଗ୍ରସ୍ତ କରି ବିଭିନ୍ନ ଉନ୍ନୟନ କାର୍ଯ୍ୟ ତଦାରଖ, ସମୀକ୍ଷା କରିଛନ୍ତ। ଏଥିସହ ରାମନାଗୁଡ଼ା ବ୍ଲକର ବିଭିନ୍ନ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ର ବୁଲି ଦେଖିଥିଲେ। ସେଠାକାର ସମସ୍ୟା ସୁବିଧା ଓ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ବର୍ଷା ଜଳକୁ କିପରି ସଂରକ୍ଷଣ କରାଯିବ ସେ ନେଇ ଅଧିକାରୀଙ୍କୁ ବୁଝାଇଥିଲେ। ତାଙ୍କର ଏହି ଗସ୍ତବେଳେ ଗୁଣପୁର ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦର, ରାମନାଗୁଡା ବିଡିଓଙ୍କ ସହ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

### ଘାଟିରେ ଓଲଟିଲା ଟ୍ରାକ୍ଟର: ଘଟଣାସ୍ଥଳରେ ଡ୍ରାଇଭର ମୃତ

ବିଷମକଟକ, ୧୨।୨(ଡି.ଏନ୍.ଏ.)

ବିଷମକଟକ ବ୍ଲକ କାଚାପାଜୁ ଘାଟିରେ ଏକ ଟ୍ରାକ୍ଟର ଓଲଟି ପଡିବାରୁ ଘଟଣାସ୍ଥଳରେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଡୁକୁମ୍ ପଞ୍ଚାୟତ ବଣ୍ଡେଲି ଗାଁର ଦିଲ୍ଲୀପ ପାଡାଲୁ। ପ୍ରକାଶ ଯେ, ଦିଲ୍ଲୀପ ଟ୍ରାକ୍ଟର ଯୋଗେ ଡୁକୁମ୍ ଗ୍ରାମରୁ କାଚାପାଜୁ ଯାଉଥିଲେ। କାଚାପାଜୁ ଗାଁ ନିକଟ ଏକ ଘାଟି ରାସ୍ତାରେ ଭାରସାମ୍ୟ ହରାଇ ଗାଡିଟି ପଛକୁ ଗଡିଯିବା ସହ ଓଲଟି ପଡିଥିଲା। ଘଟଣାସ୍ଥଳରେ ଦିଲ୍ଲୀପଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ ବିଷମକଟକ ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଛି।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ବୈଜ୍ଞାନିକ ଜ୍ଞାନ କୌଶଳରେ ଚାଷ କର

ବିଷମକଟକ/ଦୁର୍ଗୀ, ୧୨।୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଦୁର୍ଗୀସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ଓଡିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ବୁଧବାର ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା ଅନୁଷ୍ଠିତ ହୋଇଛି। ଜିଲା କୃଷି ଅଧିକାରୀ ପ୍ରଦୀପ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମେଳାରେ ଅନୁସୂଚିତ ଜାତି, ଜନଜାତି ଓ କଲ୍ୟାଣ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ରାଜ୍ୟ ସରକାର କୃଷି ଏବଂ କୃଷକଙ୍କ ଆର୍ଥିକ ବିକାଶ ଦିଗରେ ଯତ୍ନବାନ। ସରକାର ବିଭିନ୍ନ ଯୋଜନା ମାଧ୍ୟମରେ କୃଷକଙ୍କୁ ସହାୟତା ଯୋଗାଇ ଆସୁଛନ୍ତି ବୋଲି ମୁଖ୍ୟ ଅତିଥି କହିଥିଲେ। ରାଜ୍ୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଉପଦେଷ୍ଟା ସୁଧୀର ଦାସ, ବ୍ଲକ ଭାଇସ ଚେୟାରମ୍ୟାନ ରମେଶ ପାଲାକା, ଭାତପୁର ସରପଞ୍ଚ ବାରିକା ହିକକା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ କୁମାର ମଲ୍ଲିକ, କୃଷି ବିଜ୍ଞାନୀ ରାଜୀବ ଗୁରୁ, ଜିଲା ସମବାୟ ଅଧିକାରୀ ପ୍ରମୋଦ କୁମାର ସାହୁ, ବିଷମକଟକ ମତ୍ସ୍ୟାଧିକାରୀ ବାସୁଦେବ ପ୍ରଧାନୀ, ବ୍ଲକ ପଶୁ ଅଧିକାରୀ ଡ.ପଙ୍କଜ କୁମାର ଜେନା, ଅତିରିକ୍ତ ଉଦ୍ୟାନ କୃଷି ଅଧିକାରୀ ଅଶୋକ କୁମାର ସେଠୀ, ଏଡିଓ ନିରଞ୍ଜନ ମହାନ୍ତି, ଲ୍ୟାମ୍ପସ ଏମ୍‌ଡି ଶିବ ପଣ୍ଡୁ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ବିଭିନ୍ନ ଜ୍ଞାନ କୌଶଳରେ ଚାଷ କରିବାକୁ ଉପସ୍ଥିତ ବିଶେଷଜ୍ଞମାନେ ଚାଷୀଙ୍କୁ ଉପଦେଶ ଦେଇଥିଲେ। ରାଜ୍ୟ ସରକାର ରିହାତି ଦରରେ କୃଷି ଯନ୍ତ୍ରପାତି ଯୋଗାଇ ଦେଉଥିବା ଅତିଥିମାନେ କହିଥିଲେ। ଅନୁସୂଚିତ ଜାତି ଓ ଜନଜାତି ଲୋକେ ପ୍ରକୃତ ମୂଲ୍ୟଠାରୁ ୪୦ ପ୍ରତିଶତ ରିହାତି ଏବଂ ଅନ୍ୟମାନେ ୫୦ ପ୍ରତିଶତ ରିହାତିରେ ସେ ସବୁ କିଣିପାରିବେ ବୋଲି କୃଷି ଅଧିକାରୀମାନେ କହିଥିଲେ। ଏ ଅବସରରେ ବିଭିନ୍ନ କୃଷି ଯନ୍ତ୍ରପାତି, ଛୋଟ ଛୋଟ କଳ, ବିହନ ପଦର୍ଶନ କରାଯାଇଥିଲା। ଅତିରିକ୍ତ କୃଷି ଅଧିକାରୀ ଶିଶିର କୁମାର ବିଶୋୟୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୨୬ ଏସ୍ଏଚ୍‌ଜିକୁ ୫୦ହଜାର ଲେଖାଏ ଋଣ

## ଟିକିରିରେ ସମନ୍ୱୟ ମେଳା



କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଏସ୍ଏଚ୍‌ଜି ମହିଳା।

ଟିକିରି, ୧୨।୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ପଞ୍ଚାୟତ କାର୍ଯ୍ୟାଳୟରେ ବୁଧବାର ମିଶନ ଶକ୍ତି ଓ ସ୍ଥାନୀୟ ଉତ୍କଳ ଗ୍ରାମୀଣ ବ୍ୟାଙ୍କର ଏକ ସମନ୍ୱୟ ମେଳା ଅନୁଷ୍ଠିତ ହୋଇଛି। କାଶୀପୁର ବିଡିଓ ସୁଧାକର ରଇତ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ମିଶନ ଶକ୍ତି ଅଧିକାରୀ ରେଣୁବାଳା ପରିଡ଼ା, ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଶାଖା ପରିଚାଳକ ବୀର ବାହାଦୁର କୁମାର, କ୍ଷେତ୍ର ଅଧିକାରୀ ପ୍ରଫୁଲ୍ଲ କୁମାର ଘଡେଇ, ସିଡିପିଓ ସୌଦାମିନି ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକର ବିଭିନ୍ନ ପଞ୍ଚାୟତରୁ ଶତାଧିକ ଏସ୍ଏଚ୍‌ଜି ମହିଳା ଯୋଗ ଦେଇଥିଲେ। ଏସ୍ଏଚ୍‌ଜି ଗଠନ ଓ ଏହାର ପରିଚାଳନା ସମ୍ପର୍କରେ ଅତିଥିମାନେ ପରାମର୍ଶ ଦେଇଥିଲେ। ଏସ୍ଏଚ୍‌ଜି ଗଠନ କରି ସରକାର ମହିଳାଙ୍କୁ ସ୍ୱାବଲମ୍ବୀ କରୁଛନ୍ତି ବୋଲି ଅତିଥିମାନେ କହିଥିଲେ। ଏହଛଡ଼ା ପିଏମ୍ଏସ୍‌ବିୱାଇରେ ବାର୍ଷିକ ୧୨ଟଙ୍କା ପ୍ରିମିୟମ ଦେଇ ୨ଲକ୍ଷ ପର୍ଯ୍ୟନ୍ତ ଦୁର୍ଘଟଣା ବୀମା ପାଇହେବ ବୋଲି ଅତିଥିମାନେ କହିଥିଲେ। ଏହାଛଡ଼ା ପିଏମ୍‌ଜେଜେୱାଇର ବିଭିନ୍ନ ସୁବିଧା ବିଷୟରେ ବୁଝାଇଥିଲେ। ମେଳାରେ ୨୬ଟି ଏସ୍ଏଚ୍‌ଜିଙ୍କୁ ୫୦ ହଜାର ଲେଖାଏ ଋଣ ମିଳିଥିଲା। ଅଙ୍ଗନୱାଡି ସୁପରଭାଇଜର ଓ କର୍ମୀମାନେ କାର୍ଯ୍ୟକ୍ରମ କକରିଥିଲେ।

## ଗଜପତି ଖବର

# ଏସ୍‌କେସିଜି କଲେଜ ବାର୍ଷିକ କ୍ରୀଡ଼ା

ପାରଳାଖେମୁଣ୍ଡି,୧୨।୨(ସ୍ୱ.ପ୍ର.)

ପାରଳାଖେମୁଣ୍ଡିସ୍ଥିତ ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଛି। ଦୁଇଦିନ ଧରି ଚାଲିଥିବା ଏହି ଉତ୍ସବର ପ୍ରଥମ ଦିବସ କାର୍ଯ୍ୟକ୍ରମକୁ ପ୍ରାଧ୍ୟାପକ ଡ. ଭଜମନ ବେହେରା ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା ସଂସଦ ଉପସଭାପତି ଆର୍.କେ. ସାମଲ ଓ ନିବେଦିତା ସାମଲ ଏଥିରେ ଉପସ୍ଥିତ ଥିଲେ। କ୍ରୀଡ଼ା ଉତ୍ସବରେ ଉଚ୍ଚଡିଆଁ, ଲମ୍ବଡିଆଁ, ଡିସ୍କସ ଥ୍ରୋ, ଜାଭେଲିନ ଥ୍ରୋ, ୧୦୦ ଓ ୨୦୦ ମିଟର ଦୌଡ଼, ମ୍ୟୁଜିକ ଚେୟାର, ରିଲେ ରେସ୍ ଭଳି ପ୍ରତିଯୋଗିତା ହୋଇଥିଲା। ଉଦ୍‌ଯାପନୀ ଦିବସରେ ମହାବିଦ୍ୟାଳୟର ଶିକ୍ଷା ଓ ଅଣଶିକ୍ଷା କର୍ମଚାରୀଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଖେଳାଯାଇଥିଲା। ଦ୍ୱିତୀୟ ଦିନ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏସ୍‌ପି ସାରା ଶର୍ମା ଯୋଗଦେଇ ପ୍ରତ୍ୟେକ ଛାତ୍ରୀଛାତ୍ର ଖେଳୁଆଡ଼ ମନୋଭାବ ରଖି ଖେଳିବା ଆବଶ୍ୟକ, ଉତ୍ତମ ଅଭ୍ୟାସ ଦ୍ୱାରା ଜଣେ କ୍ରୀଡ଼ା କ୍ଷେତ୍ରରେ ନିଜକୁ ପରିଚିତ କରିପାରିବ ବୋଲି ସେ କହିଥିଲେ। ଏହି ଅବସରରେ ଏନ୍‌ସିସି ଛାତ୍ରୀଛାତ୍ରଙ୍କ ପକ୍ଷରୁ ମୁଖ୍ୟ ଅତିଥି ଅଭିବାଦନ ଗ୍ରହଣ କରିଥିଲେ। ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷା ପ୍ରାଧ୍ୟାପକ ପ୍ରଫେସର ଗାୟତ୍ରୀ ଦେବୀ, ପ୍ରଫେସର ଇନ୍ଦୁଭୂଷଣ ସାହୁ, ଅଧ୍ୟାପକ ବୈଲୋଚନ ବେହେରା, ଡ. ଜିତେନ୍ଦ୍ର ନାଥ ପଟ୍ଟନାୟକ, ଡ. ଆର୍.କେ. ଭୂୟାଁ ଉପସ୍ଥିତ ଥିଲେ। କ୍ରୀଡ଼ା ଅଧ୍ୟାପକ ବାଉରୀବନ୍ଧୁ ମହନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।





ବାର୍ଷିକ କ୍ରୀଡ଼ା ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

### ଶ୍ୟାମସୁନ୍ଦର ରାଜଗୁରୁଙ୍କ ଜୟନ୍ତୀ

ପାରଳାଖେମୁଣ୍ଡି,୧୨।୨(ସ୍ୱ.ପ୍ର.)

ପାରଳାଖେମୁଣ୍ଡିସ୍ଥିତ ଉତ୍କଳ ହିତୈଷିଣୀ ସମ୍ମିଳନୀ କକ୍ଷରେ ଓଡ଼ିଶା ସାହିତ୍ୟ ଏକାଡେମୀ ଗଜପତି ଶାଖା ଓ ଉତ୍କଳ ହିତୈଷିଣୀ ସହଯୋଗରେ ଶ୍ୟାମସୁନ୍ଦର ରାଜଗୁରୁଙ୍କ ଜୟନ୍ତୀ ପାଳିତ ହୋଇଛି। ଆରମ୍ଭରେ ପ୍ରଥମେ ଗୁରୁ କୈଳାସ ପଟ୍ଟନାୟକଙ୍କ ନିର୍ଦ୍ଦେଶନାରେ ସ୍ୱାଗତ ସଂଗୀତ ପରିବେଷଣ ହୋଇଥିଲା। ଏହି ସାରସ୍ୱତ ସଭାରେ ବଳରାମ ନାଗା ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟବକ୍ତା ଭାବେ ଗୁରୁ ଗୌରଚନ୍ଦ୍ର ପଣ୍ଡା ଯୋଗଦେଇ ଶ୍ୟାମସୁନ୍ଦର ରାଜଗୁରୁ ଓଡ଼ିଆ ପ୍ରବନ୍ଧ ତଥା ସାହିତ୍ୟର ଅନ୍ୟତମ ଭିତ୍ତି ସ୍ଥାପନକାରୀ ଭାବେ ବହୁ ଯଶ ଓ ଗୌରବର ଅଧିକାରୀ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ବଟକୃଷ୍ଣ ପାତ୍ର, ବିଚିତ୍ରାନନ୍ଦ ବେବର୍ତ୍ତା, ସାହିତ୍ୟ ଏକାଡେମୀର ଚିନ୍ମୟ ମିଶ୍ର ଉପସ୍ଥିତ ଥିଲେ। ଶରତ ସାହୁ, ବିଷ୍ଣୁ ପଣ୍ଡା, ତ୍ରିପତି ପଣ୍ଡା, ମୀନାକ୍ଷୀ ସାହୁ, ଭାରତଭୂଷଣ ମହାନ୍ତି ସହଯୋଗ କରିଥିବାବେଳେ ଶେଷରେ ବିନୋଦ ଚନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ।



ଜିଲା ପରିଷଦ ବୈଠକରେ ବ୍ରହ୍ମପୁର ଏମ୍‌ପି, ଗଜପତି ଜିଲାପାଳ ଏବଂ ଅନ୍ୟ ନେତୃବୃନ୍ଦ।

# ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ କର: ଏମ୍‌ପି

## ଗଜପତି ୪୪ତମ ଜିଲା ପରିଷଦ ବୈଠକ

ପାରଳାଖେମୁଣ୍ଡି,୧୨।୨(ସ୍ୱ.ପ୍ର.)

ପାରଳାଖେମୁଣ୍ଡିସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବୁଧବାର ୪୪ତମ ଜିଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଛି। ଜିଲା ପରିଷଦ ଅଧ୍ୟକ୍ଷା ଅନୀତାରାଣୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଯୋଗଦେଇ ବିଭିନ୍ନ ଉନ୍ନୟନ କାର୍ଯ୍ୟ ତ୍ୱରାନିତ କରିବା ଓ ଅଧାପନ୍ତରିଆ କାମ ସାରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ପରେ ସମସ୍ତ ଜିଲା ପରିଷଦ ସଭ୍ୟ ବିଭିନ୍ନ ଉନ୍ନୟନ କାର୍ଯ୍ୟ ଉପରେ ପ୍ରଶ୍ନ ରଖିଥିଲେ। ଗୁମ୍ମା ବ୍ଲକର ଏକ ସ୍କୁଲ ସମ୍ମୁଖରେ ଦେଶୀମଦ ବିକ୍ରି ହେଉଥିବା ବେଳେ ଅବକାରୀ ବିଭାଗ ଦୃଷ୍ଟି ନ ଦେବା ନେଇ ପ୍ରଶ୍ନ ଉଠିଥିଲା। ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ଥିବା ଅନେକ ପ୍ରସଙ୍ଗ ଉପସ୍ଥାପନ କରାଯାଇଥିଲା, ଯାହାର ସମାଧାନ ପାଇଁ ଜିଲାପାଳ ଅନୁପମ ସାହା ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲା ପ୍ରାଣୀଧନ ବିଭାଗ ଗତ ତିତ୍‌ଲି ବାତ୍ୟା ସମୟରେ ପ୍ରାଣ ହରାଇଥିବା ପଶୁପକ୍ଷୀଙ୍କ ସବିଶେଷ ବିବରଣୀ ପ୍ରଦାନ କରନ୍ତୁ ବୋଲି ଜିଲା ପରିଷଦ ସଭ୍ୟମାନେ ଦାବି କରିଥିଲେ। ଅନ୍ୟପକ୍ଷରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କୃଷି ବିଷୟରେ ଦୀର୍ଘ ସମୟ ଆଲୋଚନା ହୋଇଥିଲା। ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ହାଡୁଭାଙ୍ଗିରୁ ଗାଇବା ଯାଏ ଯେଉଁ ରାସ୍ତା କରାଯାଇଛି, ତାହା ନିମ୍ନମାନର ବୋଲି ପ୍ରଶ୍ନ ପଚରା ଯାଇଥିଲା। ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଏସ୍. ନାୟକ ଉକ୍ତ ରାସ୍ତା କାର୍ଯ୍ୟକୁ ପରିଦର୍ଶନରେ ଯାଇ ତଦନ୍ତ ସହ ସମାଧାନ କରିବେ ବୋଲି କହିଛନ୍ତି। ବୈଠକରେ ପାରଳାଖେମୁଣ୍ଡି ବିଧାୟକ କେ. ନାରାୟଣ ରାଓ, ମୋହନା ବିଧାୟକ ଦାଶରଥି ଗମାଙ୍ଗ, ଜିଲା ପରିଷଦ ଉପାଧ୍ୟକ୍ଷ ଆର୍. ବିଜୟ କୁମାର, ଗୋଷାଣୀ ବ୍ଲକ ଅଧ୍ୟକ୍ଷ ସି.ଏଚ୍. ତାରିକେଶ୍ୱରୀ, କାଶୀନଗର ବ୍ଲକ ଅଧ୍ୟକ୍ଷ ସି.ଏସ୍. ସିମାଦ୍ରୀ ଉପସ୍ଥିତ ଥିଲେ।

# ଦୁର୍ଘଟଣା ରୋକିବା ପାଇଁ ଚିହ୍ନଟ କରାଯିବ ବ୍ଲାକ ସ୍ପଟ

**ନବରଙ୍ଗପୁର,୧୨।୨(ବି.ପ୍ର.)**

ଜିଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକରେ ଏମପି ରମେଶ ଚନ୍ଦ୍ର ମାଝୀ ଅଧ୍ୟକ୍ଷତା କରିଥିଲେ। ଜିଲାର କେତେ ନିର୍ଦ୍ଦିଷ୍ଟ ସ୍ଥାନରେ ସଡକ ଦୁର୍ଘଟଣା ଘଟୁଥିବାବେଳେ ଏହା ଚିହ୍ନଟ କରିବାକୁ କହିଥିଲେ। ଜିଲାର ବ୍ଲାକ ସ୍ପଟକୁ ଚିହ୍ନଟ କରି ତାର କାରଣ ଖୋଜିବା ସହ ନିରାକରଣ କରିବାକୁ କହିଥିଲେ । ଚନ୍ଦାହାଣ୍ଡି ଘାଟିର ଦୁଇଟି ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଛି । ସେହିପରି ସରାଗୁଡା, ଧାମନାଗୁଡା, ସେମଳା ନିକଟ, ପାପଡାହାଣ୍ଡିର ହରିଣ ପାର୍କ ନିକଟରେ ମଧ୍ୟ ଦୁର୍ଘଟଣା ଘଟୁଛି। ବିଶେଷକରି ବାଇକ ଦୁର୍ଘଟଣା ଅଧିକ ହେଉଥିବା କହିଥିଲେ । ଏଥିପାଇଁ ବ୍ୟାପକ ଜନସଚେତନତା କରାଇବାକୁ କହିଥିଲେ । ଜିଲାପାଳ ଅଜିତ କୁମାର ମିଶ୍ର ଜିଲାରେ ଦୁର୍ଘଟଣା ହ୍ରାସ କରିବାକୁ ଏକ ଯୋଜନା ପ୍ରସ୍ତୁତ କରିବାକୁ କହିଥିଲେ । ଏସପି ନୀତିନ କୁଶଲକର ରାସ୍ତା ଉପରେ ଠିକାଦାର ମାନେ ମେଟାଲ, ଚିପ୍ସ ଇତ୍ୟାଦି ରଖୁଥିବାବେଳେ ଦୁର୍ଘଟଣା ଘଟୁଛି। ଏହାକୁ ବରାଦାସ୍ତ କରାଯିବନି । ଏନେଇ ଧାରା ୩୦୬(କ)ରେ ମାମଲା ରୁଜୁ ହୋଇ ପାରିବା ଏନେଇ ଠିକାଦାର ସତର୍କ କରାଇ ଦେବାକୁ କହିଥିଲେ। ଏକ ସପ୍ତାହରେ ପୋଲିସ ପକ୍ଷରୁ ୫୬ଟି ସଚେତନତା ସଭା କରାଯାଇଥିବା କହିଥିଲେ । ଜିଲା ପରିଷଦ ଅଧ୍ୟକ୍ଷା ଭଗବତୀ ଭତରା,ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ସଡକ ସୁରକ୍ଷା ସମ୍ପର୍କରେ ବ୍ୟାପକ ସଚେତନତା ଉପରେ ଗୁରୁତ୍ୱ ଦେଇଥିଲେ । ଆରଟିଓ ଗଣେଶ୍ୱର କହଁର ବୈଠକର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ କହିବା ସହ କମିଟି ଗଠନ ସଂପର୍କରେ ଅବଗତ କରାଇଥିଲେ । ଜିଲାର ୪ଟିସ୍ଥାନ ଡାଇଭଟା, ଦଶହରା ପଦା, ମାଝୀଗୁଡାଛକ,ଜଟାବାଲ ଛକ ଓ ଚନ୍ଦାହାଣ୍ଡିଘାଟି ରେ ବ୍ଲାକ ସ୍ପଟ ଚିହ୍ନଟ କରାଯାଇଥିବାବେଳେ ୭ଟି ବୁଲାଣିଆ ରାସ୍ତା ଚିହ୍ନଟ କରାଯାଇଥିବା କହିଥିଲେ।୨୦୧୮ରେ ୨୨୪ଟିଦୁର୍ଘଟଣା ଘଟିଥିବାବେଳେ ୧୦୭ ଜଣଙ୍କ ମୃତ୍ୟୁ ହୋଇଛି। ୨୦୧୯ ମସିହାରେ ୨୨୦ଟି ଦୁର୍ଘଟଣା ହୋଇଛି ଓ ୧୧୪ଜଣଙ୍କର ମୃତ୍ୟୁ ହୋଇଛି । ଚଳିତ ୨୦୨୦ ମସିହାରେ ବର୍ତ୍ତମାନ ସୁଦ୍ଧା ୨୦ଟି ଦୁର୍ଘଟଣା ହୋଇଥିବାବେଳେ ୮ଜଣଙ୍କର ମୃତ୍ୟୁ ହୋଇଥିବା କହିଥିଲେ । ତେବେ ଡ୍ରାଇଭିଂ ଲାଇସନ୍ସ ପ୍ରଦାନ ଓ ଯାଞ୍ଚକୁ କଡାକଡି କରାଯାଇଥିବା କହିଥିଲେ । ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ, ଅତିରିକ୍ତ ଏସପି ସିଏଚ. ହୃଦୟାନନ୍ଦ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ଓ ଜାତୀୟ ରାଜପଥ ଓ ବିଭିନ୍ନ ବିଭାଗର ସହକାରୀ ଓ ନିର୍ବାହୀ ଯନ୍ତ୍ରୀମାନେ ଉପସ୍ଥିତ ରହିଥିଲେ ।
















# ଟ୍ରାକ୍ଟର-ବାଇକ୍ ଧକ୍କା, ଜଣେ ମୃତ

**ଉମରକୋଟ,୧୨।୨(ଡି.ଏନ.ଏ)**

ଉମରକୋଟ ସହର ସନ୍ତୋଷୀ ନଗରଠାରେ ଟ୍ରାକ୍ଟର ଓ ବାଇକ ମଧ୍ୟରେ ଧକ୍କା ହୋଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ପ୍ରଶାନ୍ତ କୁମାର ପଣ୍ଡା। ଉମରକୋଟ ସନ୍ତୋଷୀ ନଗର ଗଳି ଦେଇ ପ୍ରଶାନ୍ତ ବାଇକରେ (ନଂ ଓଡି୩୨-୫୦୪୭)ରେ ଯାଉଥିଲେ।ଏହିସମୟରେ ବିପରୀତ ଦିଗରୁ ଆସୁଥିବା ଟ୍ରାକ୍ଟର (ଓଡି୨୪ବି-୬୮୦୫) ସହ ଧକ୍କା ହୋଇଥିଲା। ପ୍ରଶାନ୍ତ ତଳେ ପଡିଯିବାରୁ ତାଙ୍କ ମୁଣ୍ଡ ଉପରେ ଟ୍ରାକ୍ଟର ଚକା ଚଢିଯାଇଥିଲା। ଘଟଣାସ୍ଥଳରେ ପ୍ରଶାନ୍ତଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟାଇ ଟ୍ରାକ୍ଟର ଚାଳକ ଫେରାର ହୋଇଯାଇଛନ୍ତି। ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଟ୍ରାକ୍ଟର ଓ ବାଇକ ଜବତ କରି ପୋଲିସ ତଦନ୍ତ କରୁଛି। ମୃତକ ଜଣକ ଗଞ୍ଜାମ ଜିଲାର। ସେ ଉମରକୋଟ ସହରରେ ରହି ଏସି, ଫ୍ରିଜ ମରାମତି କରୁଥିଲେ।

# ଚିଟ୍‌ଫଣ୍ଡ ବିରୋଧରେ ଏକାଠି ହେଲେ ଜମାକାରୀ



ବୈଠକରେ ଉପସ୍ଥିତ ଚିଟ୍‌ଫଣ୍ଡ ଜମାକାରୀ ।

**କୋଡିଙ୍ଗା, ୧୨।୨(ଡି.ଏନ.ଏ.)**

ନବରଙ୍ଗପୁର ଜିଲା କୋଡିଙ୍ଗାଠାରେ ବୁଧବାର ଚିଟଫଣ୍ଡ ଜମାକାରୀମାନେ ଏକତ୍ରିତ ହୋଇ ଏକ ବୈଠକ କରିଥିଲେ। କୋଡିଙ୍ଗା ଅଞ୍ଚଳରୁ ପ୍ରାୟ ୫କୋଟି ଟଙ୍କା ଜମାକାରୀମାନେ ଏକ ଚିଟଫଣ୍ଡ ସଂସ୍ଥାରେ ଜମା କରିଥିଲେ । ଏହାର କାର୍ଯ୍ୟାଳୟ କୋଷାଗୁମୁଡାଠାରେ ଥିଲା। ଗତ ୩ବର୍ଷ ହେବ ଏହି ସଂସ୍ଥାର କାର୍ଯ୍ୟାଳୟ ବନ୍ଦ ହୋଇଯାଇଛି । ଏହାକୁ ନେଇ ଜମାକାରୀମାନେ କୋଡିଙ୍ଗା, କୋଷାଗୁମୁଡା ଥାନାରେ ସେ ସମୟରେ ଏତଲା ଦେଇଥିଲେ। ଜିଲାପାଳ ନବରଙ୍ଗପୁରଙ୍କୁ ମଧ୍ୟ ଜଣାଇଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ ଅଞ୍ଚଳର କୌଣସି ଜମକାରୀଙ୍କୁ ଟଙ୍କା ଫେରସ୍ତ ମିଳିନାହିଁ । ଏହାକୁ ନେଇ ଜମାକାରୀମାନେ ମେଳି ହୋଇ ଏକ ବୈଠକ ଆୟୋଜନ କରିଥିଲେ। ଏଥିରେ ଉକ୍ତ ସଂସ୍ଥାର ଏଜେଣ୍ଟଙ୍କୁ ମଧ୍ୟ ଡକାଇ ପଚାରିଥିଲେ। ସେମାନେ କହିଥିଲେ ଅଫିସ ତ ବନ୍ଦ ହୋଇଗଲାଣି ଆମେ କିଛି କରିପାରିବୁ ନାହିଁ। ଶେଷରେ ନିଷ୍ପତ୍ତି ହୋଇଥିଲା କି ପୁଣିଥରେ ଜିଲାପାଳ, ଆରକ୍ଷୀ ଅଧୀକ୍ଷକ, ତହସିଲଦାର, ବିଧାୟକ ଏବଂ ସାଂସଦଙ୍କୁ ଲିଖିତ ଜଣାଇବେ। ୧୫ଦିନ ପରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବୁ। ଜମାକାରୀମାନଙ୍କ ଟଙ୍କା ଫେରସ୍ତ ନ ପାଇବା ଯାଏଁ ଆନ୍ଦୋଳନ ଜାରି ରଖିବୁ ବୋଲି ସୂଚନା ଦେଇଛନ୍ତି। ଏହି ବୈଠକରେ କୋଡିଙ୍ଗା ଅଞ୍ଚଳର ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ଜମାକାରୀ ଯୋଗ ଦେଇଥିଲେ।










❝ ଗୋଟିଏ ନୀତିକୁ କାର୍ଯ୍ୟକାରୀ କରିବାର ଯଦି କୌଣସି ପରିକଳ୍ପନା ନାହିଁ, ତେବେ ସେ ନୀତି ବୟାନ କରିବାର କୌଣସି ଅର୍ଥ ନାହିଁ।
-ବର୍ନାଡ ଶ



## ସଂକ୍ଷେପରେ



### ଟାଙ୍ଗିଣିଗୁଡ଼ା ବିଦ୍ୟାଳୟ ବାର୍ଷିକ ଉତ୍ସବ

**ବୈପାରୀଗୁଡ଼ା,୧୨।୨(ଡି.ଏନ୍.ଏ.):** ବୈପାରୀଗୁଡ଼ା ବ୍ଲକ ଟାଙ୍ଗିଣିଗୁଡ଼ା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ଅତିଥି ଭାବେ ତହସିଲଦାର ସଞ୍ଜୀବ ସାହୁ, ଗୋଷ୍ଠୀ ଶିକ୍ଷାଧିକାରୀ ସୁଧୀର ଚନ୍ଦ୍ର ରଥ, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ କନକ ମଞ୍ଜରୀ ଭତ୍ରା, ସିଆର୍‌ସିସି ପି.ଏନ୍. କାଣ୍ଡିକି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରତନ ସୁଆବି, ସରପଞ୍ଚ ପ୍ରଭୁଦାନ ଭତ୍ରା ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ ବିଶ୍ୱମୟୀ ତୃପ୍ତି ଦାୟିନୀ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥିଙ୍କ ଦ୍ୱାରା ଅଭିଭାଷଣ ପରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ କସ୍ତୁରବା ହଷ୍ଟେଲ ଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସହକାରୀ ଶିକ୍ଷକ ଗୌରଚନ୍ଦ୍ର ଦଳେଇ ଓ ମହେନ୍ଦ୍ର ଗୁନିଆ କାର୍ଯ୍ୟକ୍ରମ ସଂଯୋଜନା ଓ ପ୍ରଧାନ ଶିକ୍ଷୟିତ୍ରୀ ମଧୁରିକା ମହାପାତ୍ର ପରିଚାଳନା କରିଥିଲେ।

### ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ: କାଶିପୁର ସ୍ୱାସ୍ଥ୍ୟକେନ୍ଦ୍ର ବିଜୟୀ



**ଦଶମନ୍ତପୁର,୧୨।୨(ଡି.ଏନ୍.ଏ.):** ଦଶମନ୍ତପୁର ବ୍ଲକସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବୁଧବାର ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଅବିନାଶ ବାରିକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା ଏହି ଟୁର୍ନାମେଣ୍ଟରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ନେତା ବେଣୁଧର ପାତ୍ର ଯୋଗଦେଇ ଏହାର ଶୁଭ ଉଦ୍‌ଘାଟନ କରିଥିଲେ। ଦଶମନ୍ତପୁର ଓ କାଶିପୁର ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଏଥିରେ କାଶିପୁର ସ୍ୱାସ୍ଥ୍ୟକେନ୍ଦ୍ର ଟିମ ୧୨ ଓଭରରେ ୧୦୫ ରନ ସଂଗ୍ରହ କରିଥିବା ବେଳେ ଜବାବରେ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଟିମ କେବଳ ୭୨ ରନ କରି ଅଲ୍‌ଆଉଟ୍ ହୋଇଥିଲା। କାଶିପୁର ସ୍ୱାସ୍ଥ୍ୟକେନ୍ଦ୍ର ଟିମ ୩୩ ରନରେ ବିଜୟୀ ହୋଇଥିଲା। ଅମ୍ପାୟାର ଭାବେ ଖବରଦାତା ଶୈଳେସ ଏସ୍. ଖଡ଼ିଆର ଏବଂ ଲଳିତ ସାର୍ ରହିଥିଲେ।

### ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି ତେଜୁଛି

**ଜୟପୁର,୧୨।୨(ଡି.ଏନ୍.ଏ.):** ଦକ୍ଷିଣ ଓଡ଼ିଶାର ଅନ୍ୟତମ ପୁରାତନ ଶିକ୍ଷାନୁଷ୍ଠାନ ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଅପଗ୍ରେଡ କରାଯାଇ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ଦାବି ଜୋର୍ ଧରିଛି। ରାଜ୍ୟର ୮ଟି ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ କରାଯାଇଥିବା ବେଳେ ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟ ପାଇଁ ସୁପାରିଶ କରାଯାଇ ନ ଥିବାରୁ ଉତ୍ତେଜନା ପ୍ରକାଶ ପାଇଛି। ପୂର୍ବତନ ମହାବିଦ୍ୟାଳୟ ଛାତ୍ର ସଂସଦର ସଭାପତିମାନେ ମିଳିତ ଭାବେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ମହାବିଦ୍ୟାଳୟର ଅଧକ୍ଷା ଡ. ରଚନା ଆଚାର୍ଯ୍ୟ ଦେଇଛନ୍ତି। ପୂର୍ବରୁ କୋରାପୁଟ ଜିଲାପାଳଙ୍କୁ ମଧ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଥିଲେ ମଧ ରାଜ୍ୟ ସରକାର ଏହାକୁ ଅଣଦେଖା କରିଥିବା ପୂର୍ବତନ ଛାତ୍ର ସଂସଦର ସଭାପତିମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବା ପାଇଁ ସୁପାରିଶ କରିବାକୁ ସେମାନେ ଦାବି କରିଛନ୍ତି। ଅନ୍ୟଥା ନେତାଙ୍କୁ ଜୟପୁର ଅଞ୍ଚଳକୁ ବିରୋଧ କରାଯିବ ବୋଲି ଛାତ୍ରନେତା ଚେତାବନୀ ଦେଇଛନ୍ତି। ସ୍ମାରକପତ୍ର ପ୍ରଦାନ ବେଳେ ପୂର୍ବତନ ସଭାପତି କେ. ଶ୍ରୀନିବାସ, ଧର୍ମେନ୍ଦ୍ର ଅଧିକାରୀ, ସତିଶ ସାହୁ, ଗୌରୀ ପ୍ରସାଦ ଦେବଶର୍ମା, ସଂଗ୍ରାମ କେଶରୀ ସିଂ, ରଘୁ ହରିଜନ ଉପସ୍ଥିତ ଥିଲେ।

# ଅଭାବୀ ବିକ୍ରି ହୋଇପାରେ ୨୦ ହଜାର କୁଇଣ୍ଟାଲ ଧାନ

- ସୂଚନା ନ ଥାଇ ବନ୍ଦ ହେଲା ଖରିଫ ମଣ୍ଡି
- ଅଦିନିଆ ବର୍ଷାରେ ଭିଜିଲା ଗଦା ହୋଇଥିବା ଧାନ
- ପଞ୍ଜୀକୃତ ହୋଇ ନ ପାରିବା ଯୋଗୁ ଏଭଳି ପରିସ୍ଥିତି

**କୁନ୍ଦୁରା,୧୨।୨(ଡି.ଏନ୍.ଏ.)**

କୋରାପୁଟ ଜିଲାରେ ଚଳିତବର୍ଷ ଖରିଫ ଋତୁରେ ଅମଳ ଧାନ ବିକ୍ରି କରିବା କିମ୍ବା ଚାଷୀ ପଞ୍ଜୀକୃତ ହେବାରେ ପ୍ରଶାସନ ଯେଉଁ ଦାୟିତ୍ୱହୀନତା ଦେଖାଇଛି, ସେଥିରେ ପ୍ରଭାବିତ ହୋଇଛନ୍ତି ଶତାଧିକ ଚାଷୀ। ସେମାନେ ଧାନ ବିକି ନ ପାରି ଏବେ ଅଭାବୀ ବିକ୍ରିର ସମ୍ମୁଖୀନ ହେବା ଆଶଙ୍କା ସୃଷ୍ଟି ହୋଇଛି। ଏଯାବତ୍ ସେମାନଙ୍କ ନିକଟରେ ୨୦ ହଜାର କୁଇଣ୍ଟାଲ ଧାନ ପଡ଼ି ରହିଛି।

ଗତ ଦିନରେ ଖାଦ୍ୟ ଯୋଗାଣ ବିଭାଗ ଖରିଫ ମଣ୍ଡିରେ ପଞ୍ଜୀକରଣ ଓ ଧାନ ବିକ୍ରି ପାଇଁ ଯେଉଁ ସମୟ ନିର୍ଦ୍ଧାରଣ କରିଥିଲା, ସେହି ସମୟସୀମା କମ୍ ଓ ପ୍ରଶାସନରେ ଅବହେଳା ଯୋଗୁ ଚାଷୀ ପଞ୍ଜୀକୃତ ହୋଇ ନ ପାରି ବିକିବାରେ ବାଧା ସୃଷ୍ଟି ହୋଇଛି । ଚଳିତ ଖରିଫ ଋତୁର ଧାନକୁ ରାଣୀଗୁଡ଼ା ମଣ୍ଡିର ପ୍ରାୟ ୩୦ ଜଣ ଚାଷୀ ବିକ୍ରି କରିବାର ୩ ମାସ ପରେ ମଧ୍ୟ ପ୍ରାପ୍ୟ ପାଇ ନାହାନ୍ତି। ଗତ ବର୍ଷରେ ଯେତିକି ଦିନ ଯାଏ ଧାନ ବିକ୍ରି ସମୟ ସୀମା ରହିଥିଲା, ସେତିକି ଦିନ ଯାଏ ଯେଉଁ ଚାଷୀଙ୍କ ଅବହେଳିତ ଅବସ୍ଥାରେ ପଞ୍ଜୀକୃତ ହୋଇପାରୁ ନ ଥିଲା, ତାର ପଞ୍ଜୀକୃତ ହୋଇ ଧାନ ବିକ୍ରି କରାଯାଉଥିଲା । କିନ୍ତୁ ଚଳିତ ବର୍ଷ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶନାମା ଅନୁସାରେ ହଠାତ୍ ଅକ୍ଟୋବର ୩୧ରେ ପଞ୍ଜୀକୃତ ସୀମା ଶେଷ ହେଉଥିବା ବେଳେ ଚାଷୀ ସଚେତନ ହୋଇପାରି ନ ଥିଲେ। ଫଳରେ ଜୟପୁର ଉପଖଣ୍ଡର ପ୍ରାୟ ୩୨୮ ଜଣ ଚାଷୀ ପଞ୍ଜୀକୃତ ହେବାରୁ ବଞ୍ଚିତ ହୋଇଥିବା ବେଳେ କୁନ୍ଦୁରା ବ୍ଲକରେ ୧୫୫ ଜଣ ସେହିପରି ରହିଥିଲେ। ସମସ୍ତ ଚାଷୀଙ୍କ ପ୍ରାୟ ୨୦ ହଜାର କୁଇଣ୍ଟାଲ ଧାନ ବିକ୍ରି ହୋଇପାରି ନାହିଁ। ଚାଷୀ ସେହି ଧାନକୁ ଦଲାଲଙ୍କୁ ୧୦୦୦ରୁ ୧୨୦୦ ଟଙ୍କାରେ ବିକିବା ପାଇଁ ବାଧହେବେ । ବର୍ତ୍ତମାନ ପରିସ୍ଥିତିରେ ଚାଷୀକୁଳ ମଣ୍ଡିସ୍ଥଳ ରାସ୍ତାରେ ଗଦେଇ ରଖିବା ଯୋଗୁ ଅଦିନିଆ ବର୍ଷାରେ ତାହା କିଛି ମାତ୍ରାରେ ଭିଜିଯାଇଛି। ଗତ ଦିନରେ ପ୍ରଶାସନକୁ ଖାଦ୍ୟ ଯୋଗାଣ ବିଭାଗ ଭାଗଚାଷୀଙ୍କ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ତାହା ଧିମେଇ ଯାଇଛି। ପ୍ରଶାସନର ଅବହେଳାକୁ ନେଇ ପଞ୍ଜୀକୃତ ହୋଇ ନ ଥିବା ଚାଷୀକୁଳ ଓ ମାନବାଧିକାର କମିଟି ଲ୍ୟାମ୍ପସ୍ ଘେରାଉ କରିବା ସହ ପରିଚାଳନା ନିର୍ଦ୍ଦେଶକଙ୍କୁ ମଧ୍ୟ ଏ ନେଇ ସବିଶେଷ ବିବରଣୀ ମାଗିଥିଲେ । ବର୍ତ୍ତମାନ ଚାଷୀଙ୍କ ନିକଟରେ ରହିଥିବା ଧାନକୁ ଅଭାବୀ ବିକ୍ରି କରିବେ ନା କ୍ରୟକାରୀ ସଂସ୍ଥା ନିକଟରେ ବିକିବେ, ସେନେଇ ପରିସ୍ଥିତି ଜଟିଳ ହୋଇଛି।



ମଣ୍ଡିରେ ଗଦା ହୋଇଥିବା ବଳକା ଧାନ।

## ମଣ୍ଡିରେ ବଳକା ଧାନ କିଣିବାକୁ ଦାବି

**ଜୟପୁର,୧୨।୨(ଡି.ଏନ୍.ଏ.)**

**ଜିଲାପାଳଙ୍କ ପରେ ଯୋଗାଣ ଅଧିକାରୀଙ୍କୁ ଭେଟିଲେ ଚାଷୀ**



ବିକ୍ରି ପାଇଁ ରହିଥିବା ବଳକା ଧାନ ମଣ୍ଡିରୁ କିଣାଯାଉ। ଏଭଳି ଦାବି କରିଛନ୍ତି ବୋରିଗୁମ୍ମା ବ୍ଲକର ଦୁଇଜଣ ଚାଷୀ। ସେମାନେ ପ୍ରଥମେ ବୋରିଗୁମ୍ମାରେ ସୋମବାର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜଣାଇବା ପରେ ବୁଧବାର ଜୟପୁରରେ ଜିଲା ଯୋଗାଣ ଅଧିକାରୀଙ୍କୁ ଭେଟି ଦାବି ଜଣାଇଛନ୍ତି। ସରକାର ମଣ୍ଡି ବନ୍ଦ କରିବା ପରେ କେତେକ ଚାଷୀଙ୍କ ବଳକା ଧାନ ବିକ୍ରି ହୋଇପାରିନାହିଁ।

ବୋରିଗୁମ୍ମାର ନାରୀଗାଁ ପଞ୍ଚାୟତ ଚରାମୂଳା ଗ୍ରାମର ଚାଷୀ ଭଗବାନ ନାୟକଙ୍କ ସ୍ତ୍ରୀ ପାର୍ବତୀ ନାୟକଙ୍କ ନାଁରେ ଥିବା ୪ ଏକର ୮୦ ଡେସିମିଲ ଜମିରୁ ଅମଳ ୬୨ କୁଇଣ୍ଟାଲ ଧାନରୁ ଗତ ଜାନୁୟାରୀ ୧୨ରେ ୩୫ କୁଇଣ୍ଟାଲ ବିକ୍ରି କରିବା ପାଇଁ ଟୋକନ ମିଳିଥିଲା। ବାକି ୨ ଏକର ୩ ଡେସିମିଲ ଜମିର ୨୭ କୁଇଣ୍ଟାଲ ଧାନ ବିକ୍ରି ପାଇଁ ଟୋକନ ଦିଆଯାଇ ନ ଥିଲା। ଜମିର ପରିମାଣ ଭୁଲ ଥିବା ଯୋଗୁ ଏହାକୁ ସଂଶୋଧନ କରାଯାଇଥିଲା। କିନ୍ତୁ ସରକାର ଧାନକିଣା ବନ୍ଦ କରିଥିବାରୁ ଟୋକନ ମଧ ବନ୍ଦ ରହିଛି। ଫଳରେ ବଳକା ଧାନ ବିକିବା ପାଇଁ ଚିନ୍ତାରେ ରହିଥିବା ଚାଷୀ ଭଗବାନ କହିଛନ୍ତି। ତେଣୁ ଜିଲାପାଳଙ୍କ ନିକଟରେ ସେ ଅଭିଯୋଗ କରିବା ପରେ ଜିଲା ଯୋଗାଣ ଅଧିକାରୀଙ୍କୁ ଫେରାଦ ହୋଇଛନ୍ତି। ସେହିପରି ବୋରିଗୁମ୍ମା ବ୍ଲକ ମାଲଦା ପଞ୍ଚାୟତର ଡମ୍ବରୁ ଗଣ୍ଡାଙ୍କ ଜମିକୁ ପୁଅ କ୍ଷୀରସୁଧା ଗଣ୍ଡା ଭାଗଚାଷୀ ଭାବେ ୪୮ ଏକର ଜମିର ୪୦୦ କୁଇଣ୍ଟାଲ ଧାନ ମଣ୍ଡିରେ ବିକ୍ରି କରିଛନ୍ତି। କିନ୍ତୁ ବଳକା ୨୩୩ କୁଇଣ୍ଟାଲ ପାଇଁ ଟୋକନ ଦିଆଯାଇ ନାହିଁ। ଫଳରେ ବଳକା ଧାନ କେଉଁଠାରେ ବିକିବେ, ସେହି ଚିନ୍ତାରେ ରହିଛନ୍ତି କ୍ଷୀରସୁଧା। ଏନେଇ ଜିଲା ଯୋଗାଣ ଅଧିକାରୀ ତୁଳାରାମ ନାୟକ କହିଛନ୍ତି, ଚାଷୀଙ୍କ ଧାନକିଣା ଓ ଟୋକନ ଦେବା ପାଇଁ ସରକାର ନିଷ୍ପତ୍ତି ନେବା ପରେ ହିଁ କୌଣସି ପଦକ୍ଷେପ ନିଆଯିବ।

## କୂଅରେ ପଡ଼ି ବୃଦ୍ଧାଙ୍କ ମୃତ୍ୟୁ

**ଜୟପୁର,୧୨।୨(ନି.ପ୍ର.)**

ଜୟପୁର ସଦର ଥାନା ଅନ୍ତର୍ଗତ ନନ୍ଦଗୁଡ଼ା ଗ୍ରାମର ଏକ କୂଅରେ ପଡ଼ି ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ମୃତ ବୃଦ୍ଧା ଜଣକ ହେଲେ ସାହେବାଣୀ ମୁଦୁଲି (୫୨)। ମଙ୍ଗଳବାର ସେ ଝାଇଁଘରକୁ ଯାଉଛି କହି ଯାଇଥିଲେ। କିନ୍ତୁ କୂଅରେ ପଡ଼ିଯାଇଥିବା ବେଳେ ବୁଧବାର ସକାଳେ ତାଙ୍କ ମୃତଦେହ କୂଅରେ ଭାସୁଥିବା ଗ୍ରାମବାସୀ ଦେଖିଥିଲେ। ଖବର ଦେବାରୁ ଦମକଳ ବିଭାଗ ଓ ପୋଲିସ ପହଞ୍ଚି କୂଅରୁ ମୃତଦେହ ବାହାର କରିଥିଲା। ଜିଲା ଚିକିତ୍ସାଳୟରେ ମୃତଦେହର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ତାହା ହସ୍ତାନ୍ତର କରାଯାଇଛି।

## କାମ ବେଳେ ଅଫିସ୍‌ରେ ମ୍ୟାଜିକ ଶୋ’

**ଜୟପୁର,୧୨।୨(ଡି.ଏନ୍.ଏ.)**

ଜୟପୁରସ୍ଥିତ ଜିଲା ଯୋଗାଣ ବିଭାଗ କାର୍ଯ୍ୟାଳୟରେ ବୁଧବାର ପୂର୍ବାହ୍ନରେ ମ୍ୟାଜିକ ଶୋ’ ଅନୁଷ୍ଠିତ ହୋଇଛି। ଦୁଇ ଜଣ ଚାଷୀ ଜିଲା ଯୋଗାଣ ଅଧିକାରୀଙ୍କୁ ସାକ୍ଷାତ କରିବାକୁ ଅପେକ୍ଷା କରିଥିବା ବେଳେ ଶୋ’ ସରିବା ପରେ ସେମାନଙ୍କୁ ଭେଟିବାର ସୁଯୋଗ ମିଳିଥିଲା। କାର୍ଯ୍ୟଦିବସରେ ବାହାରର ଜଣେ ଯାଦୁଗର ଅଫିସ୍‌ରେ ପହଞ୍ଚି ମ୍ୟାଜିକ ଦେଖାଇବାକୁ ଅନୁରୋଧ କରିବାରୁ ଯୋଗାଣ ଅଧିକାରୀ ରାଜି ହୋଇଥିଲେ। ଏହାପରେ ପ୍ରାୟ ଅଧଘଣ୍ଟା ଅଧିକାରୀ ଓ କର୍ମଚାରୀ ମୁଖ୍ୟହଲ୍‌ରେ ମ୍ୟାଜିକ୍ ଉପଭୋଗ କରିଥିଲେ। ଏହି ସମୟରେ କେତେକ ମିଲ ମାଲିକ କାର୍ଯ୍ୟାଳୟକୁ ଆସିଥିଲେ ମଧ ମ୍ୟାଜିକ ଶୋ’ରେ ସମସ୍ତେ ବ୍ୟସ୍ତ ଥିବା ପାଇଥିଲେ। ଏନେଇ ଜିଲା ଯୋଗାଣ ଅଧିକାରୀ ତୁଳାରାମ ନାୟକ କହିଛନ୍ତି, ଉକ୍ତ ଯାଦୁକର ବାରମ୍ବାର ଅନୁରୋଧ କରିବା ଯୋଗୁ ମାତ୍ର ୧୫ ମିନିଟ ପାଇଁ ମ୍ୟାଜିକ ଶୋ’ କରାଯାଇଥିଲା।

## ସମ୍ବର୍ଦ୍ଧିତ ହେଲେ ଦୁଇ ଯାଦୁଗର




ଅତିଥିଙ୍କ ଗହଣରେ ଦୁଇ ସମ୍ବର୍ଦ୍ଧିତ ଯାଦୁଗର।

**ଚାନ୍ଦିଲି(କୋଟପାଡ଼), ୧୨।୨(ଡି.ଏନ୍.ଏ.)**

ପୁରୀ ପିଜିଅନ ମ୍ୟାଜିକ ଏକାଡେମୀ ପକ୍ଷରୁ ଅନ୍ନପୂର୍ଣ୍ଣା ଥିଏଟରରେ ଆୟୋଜିତ ରାଜ୍ୟସ୍ତରୀୟ ଯାଦୁଗର କର୍ମଶାଳାରେ କୋଟପାଡ଼ର ଦୁଇ ଯାଦୁଗର ହେମନ୍ତ ପାତ୍ର ଓ ବାଲାଜୀ ନାଏକ ସମ୍ମାନିତ ହୋଇଛନ୍ତି। ଏହି ଉପଲକ୍ଷେ ସେମାନଙ୍କୁ କୋଟପାଡ଼ ଗୋପବନ୍ଧୁ ପାଠାଗାର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ପାଠାଗାର ସଭାପତି ଗଣେଶ ଚନ୍ଦ୍ର ପଣ୍ଡାଙ୍କ ଆବାହନରେ ଆୟୋଜିତ ସଭାରେ ଅତିଥି ଭାବେ ପୂର୍ବତନ ବିଧାୟକ ଚନ୍ଦ୍ରଶେଖର ମାଝୀ, ଓକିଲ ସଂଘ ସଭାପତି ମଣି ପ୍ରସାଦ ପଟ୍ଟନାୟକ, ଉପସଭାପତି ସୁଧୀର ମହାନ୍ତି, ପୂର୍ବତନ ନଗରପାଳ ଏମ୍. ଶଙ୍କର ରାଓ, ପ୍ରେସ କ୍ଲବ ସଭାପତି ପଙ୍କଜ ପାତ୍ର, ପାଠାଗାର ଉପଦେଷ୍ଟା ରାଜେନ୍ଦ୍ର ପ୍ରସାଦ ନାୟକ, ସମ୍ପାଦକ ଦେବୀ ପ୍ରସାଦ ପଣ୍ଡା, କୋଷାଧ୍ୟକ୍ଷ ବାବୁଲି ନାୟକ, ଶିକ୍ଷକ ସଂଘ ସାଙ୍ଗଠନିକ ସମ୍ପାଦକ ପ୍ରଦୀପ ପ୍ରଧାନ, ଲୋକକବି ରଞ୍ଜନ ମହୁରିଆ, ସୁଶାନ୍ତ ବକ୍ସି, ତ୍ରିପତି ବାଗା, ଅବସରପ୍ରାପ୍ତ କର୍ମଚାରୀ ସଂଘ ସମ୍ପାଦକ ଆନନ୍ଦ ଦ୍ରାକ୍ଷାଲତା ଯୋଗ ଦେଇଥିଲେ। ଶେଷରେ ଶିକ୍ଷକ ସଞ୍ଜୟ ମିଶ୍ର ଯାଦୁଗରଙ୍କ ଉଦ୍ଦେଶ୍ୟରେ କବିତା ପାଠ କରିଥିଲେ।

## ଜମିରେ ପାଣି କାଟିବାକୁ ନେଇ ମାଡ଼

**ଜୟପୁର/ଫାମ୍ପୁଣି,୧୨।୨(ଡି.ଏନ୍.ଏ.)**

ଜୟପୁର ସଦର ଥାନା ଫାମ୍ପୁଣିର ଚାଷଜମିରେ ପାଣି କାଟିବାକୁ ନେଇ ସମ୍ପର୍କୀୟ ଭାଇଙ୍କୁ ମାଡ଼ ମାରିଥିବା ନେଇ ଦୁଇଜଣଙ୍କ ନାଁରେ ଅଭିଯୋଗ ହୋଇଛି । ମୁନା ପ୍ରଧାନ ଥାନାରେ ଜଣାଇଛନ୍ତି ଯେ, ଚାଷଜମିକୁ ପାଣି ନ ଛାଡ଼ିବା ନେଇ ପଡ଼ୋଶୀ ଜମିର ମାଲିକ ବଳରାମ ପ୍ରଧାନ ଓ କାମା ପ୍ରଧାନଙ୍କୁ ଗତ ସୋମବାର ସେ ଅନୁରୋଧ କରିଥିଲେ। କିନ୍ତୁ ଉକ୍ତ ଦିନ ରାତିରେ ତାଙ୍କ ଜମିକୁ ପାଣି ଛାଡ଼ିଦେବା ଯୋଗୁ ଜମିର ଫସଲ ନଷ୍ଟ ହୋଇଥିବାରୁ ସେ ଏହାର ବିରୋଧ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ କୋଡିରେ ତାଙ୍କୁ ବଳରାମ ଏବଂ କାମା ଆକ୍ରମଣ କରିଛନ୍ତି।

## ୱାର୍ଡ଼ସ୍ତରରେ ପୁଣି ନିର୍ବାଚନ, ଆସିବ ବିଜ୍ଞପ୍ତି

**ପଟ୍ଟାଙ୍ଗି,୧୨।୨(ଡି.ଏନ୍.ଏ.)**

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ବିଭିନ୍ନ ପଞ୍ଚାୟତ ଅଧୀନ ୱାର୍ଡ଼ସ୍ତରରେ ପୁନର୍ବାର ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ ଅଧିକାରୀ ତାରିଖ ଘୋଷଣା କରିଛନ୍ତି। ଏହାପରେ ବ୍ଲକ ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ପଟ୍ଟାଙ୍ଗି ବ୍ଲକ ଅଧୀନରେ ଥିବା ୧୪ଟି ପଞ୍ଚାୟତରୁ ସୁଙ୍କି, ମାଳିପୁଟ, ଦେଓପଟ୍ଟାଙ୍ଗି, ଅମ୍ବାବାଲି, କୋଟିଆ, ଗାଙ୍ଗରାଜପୁର, ଚନ୍ଦକା, ସମ୍ବାଇ, ରାଲେଗଡ଼ା ଓ ତଳଗୋଲୁର ଭଳି ୧୦ଟି ପଞ୍ଚାୟତର ୧୫ଟି ୱାର୍ଡ଼ରେ ନିର୍ବାଚନ ହେବ। ଏଗୁଡ଼ିକ ହେଲା ଅମ୍ବାବାଲି ପଞ୍ଚାୟତର ୪ ନଂ ୱାର୍ଡ଼ ପାଲବାଲସା, ମାଳିପୁଟର ୫ ନଂ ୱାର୍ଡ଼ ସରିଗିଗୁଡ଼ା ଓ ୬ ନଂ ୱାର୍ଡ଼ ବଡାବାଲସା, ଦେଓପଟ୍ଟାଙ୍ଗିର ୪ ନଂ ୱାର୍ଡ଼ ଡୋକିରିଗୁଡ଼ା ଓ ୬ ନଂ ୱାର୍ଡ଼ ସଙ୍ଗମଗୁଡ଼ା, କୋଟିଆର ୧୧ ନଂ ୱାର୍ଡ଼ କୋଟିଆ, ଗାଙ୍ଗରାଜପୁରର ୪ ନଂ ୱାର୍ଡ଼ ସାକିରାଇ, ଚନ୍ଦକାର ୨ ନଂ ୱାର୍ଡ଼ କୋଦାବାଲସା ଓ ୧୧ ନଂ ୱାର୍ଡ଼ ଡେକାପଦର, ସମ୍ବାଇର ୧ ନଂ ୱାର୍ଡ଼ ସମ୍ବାଇ, ରାଲେଗଡ଼ାର ୭ ନଂ ୱାର୍ଡ଼ ଯୋଡ଼ିମାଦିଲି, ତଳଗୋଲୁରର ୪ ନଂ ୱାର୍ଡ଼ କାରିବେଡ଼ା, ସୁଙ୍କିର ୨ ନଂ ୱାର୍ଡ଼ କେ.ମେଟାବାଲସା, ୩ ନଂ ୱାର୍ଡ଼ ଅଲସି ଓ ୫ ନଂ ୱାର୍ଡ଼ ଗୌଡ଼ଗୁଡ଼ା। ଏହି ସବୁ ୱାର୍ଡ଼ ପାଇଁ ପଞ୍ଚାୟତ ନିର୍ବାଚନ ସମୟରେ କେହି ପ୍ରାର୍ଥୀପତ୍ର ଦାଖଲ କରି ନ ଥିଲେ। ଏହାକୁ ଦୃଷ୍ଟିରେ ରଖି ପୁଣି ଉକ୍ତ ଆସନଗୁଡ଼ିକୁ ଅଣ ସଂରକ୍ଷିତ କରାଯାଇ ପୁନର୍ବାର ନିର୍ବାଚନ ପାଇଁ ଘୋଷଣା କରାଯାଇଛି। ଆଗାମୀ ୧୪ରେ ବିଜ୍ଞପ୍ତି ଜାରି କରାଯିବା ପରେ ୧୯ରୁ ୨୪ ତାରିଖ ମଧ୍ୟରେ ପ୍ରାର୍ଥୀପତ୍ର ଦାଖଲ, ୨୫ରେ ନାମାଙ୍କନ ଯାଞ୍ଚ, ୨୮ରେ ପ୍ରତ୍ୟାହାର ଦିବସ ଓ ମାର୍ଚ୍ଚ ୨୦ରେ ଭୋଟିଂ, ୨୧ରେ ଗଣତି କାର୍ଯ୍ୟକ୍ରମ ରହିଛି।



ଶୈକ୍ଷିକ ଭ୍ରମଣରେ ଆସିଥିବା ଛାତ୍ରୀଛାତ୍ର।

## ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନକୁ ଶୈକ୍ଷିକ ଭ୍ରମଣ

**ଜୟପୁର,୧୨।୨(ନି.ପ୍ର.)**

ରାୟଗଡ଼ାସ୍ଥିତ ମିଟସ ଇନଷ୍ଟିଚ୍ୟୁଟ୍ ଅଫ୍ ପ୍ରଫେସନାଲ ଷ୍ଟଡିଜରେ ସ୍ନାତକ ପଢୁଥିବା ୨୬ ଜଣ ଛାତ୍ରୀ ଓ ୩୪ ଜଣ ଛାତ୍ର ଜୟପୁରସ୍ଥିତ ଏମ୍.ଏସ୍. ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନକୁ ଶୈକ୍ଷିକ ଭ୍ରମଣରେ ଆସିଛନ୍ତି। ଇନଷ୍ଟିଚ୍ୟୁଟ୍‌ର ଡିନ୍ ଭି.ଟି. ରାଜୁ ଓ ତାଙ୍କ ସହଯୋଗୀ ପ୍ରଫେସରଙ୍କ ସହ ଏହି ଶୈକ୍ଷିକ ଭ୍ରମଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଗବେଷଣା ପ୍ରତିଷ୍ଠାନର ଭାରପ୍ରାପ୍ତ ନିର୍ଦ୍ଦେଶକ ପ୍ରଶାନ୍ତ ପରିଡ଼ା, ବୈଜ୍ଞାନିକ କାର୍ତ୍ତିକ ଚରଣ ଲେଙ୍କା ଛାତ୍ରୀଛାତ୍ରଙ୍କ କୃଷି ସମ୍ପର୍କିତ ବିଭିନ୍ନ ପ୍ରକାର ଜିଜ୍ଞାସାର ପାରମ୍ପରିକ ଆଲୋଚନା ମାଧ୍ୟମରେ ଉତ୍ତର ରଖିଥିଲେ। ଏହାସହ ଗବେଷଣା ପ୍ରତିଷ୍ଠାନ ପରିସରରେ ଥିବା ବିଭିନ୍ନ କୃଷିଭିତ୍ତିକ ପ୍ରଦର୍ଶନୀ ଓ ପୌଷ୍ଟିକ ଉଦ୍ୟାନ ବୁଲି ଦେଖିଥିଲେ ଛାତ୍ରୀଛାତ୍ର। ଏହି କାର୍ଯ୍ୟକ୍ରମ କୃଷି କ୍ଷେତ୍ରରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ବ୍ୟାବହାରିକ ଜ୍ଞାନ ବୃଦ୍ଧି କ୍ଷେତ୍ରରେ ସହାୟକ ହୋଇପାରିବ ବୋଲି ଡିନ ରାଜୁ ପ୍ରକାଶ କରିଥିଲେ। ପ୍ରାକ୍ତନ ଜିଲା ମୁଖ୍ୟ ପଶୁ ଚିକିତ୍ସାଧିକାରୀ ସୂର୍ଯ୍ୟ ନାରାୟଣ ତ୍ରିପାଠୀ ଏଥିରେ ସାମିଲ ଥିଲେ।

## ନିଅଣ୍ଟିଆ ମଧ୍ୟାହ୍ନ ଭୋଜନ, ଛାତ୍ରୀଛାତ୍ରଙ୍କୁ ଦିଆଗଲା ବିସ୍କୁଟ

**ଜୟପୁର,୧୨।୨(ଡି.ଏନ୍.ଏ.)**

ଜୟପୁରସ୍ଥିତ ପାରାବେଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ନିଅଣ୍ଟିଆ ମଧ୍ୟାହ୍ନଭୋଜନକୁ ନେଇ ଅସନ୍ତୋଷ ଦେଖାଦେଇଛି। ବିଦ୍ୟାଳୟ କର୍ତ୍ତୃପକ୍ଷ ପିଲାଙ୍କୁ ବିସ୍କୁଟ ଖାଇବାକୁ ଦେଇଛନ୍ତି। ଅଣ୍ଡା ମିଳି ନ ଥିବା ନେଇ ଛାତ୍ରୀଛାତ୍ରଙ୍କ ସହ ଜଣେ ସହକାରୀ ଶିକ୍ଷୟିତ୍ରୀ ଅଭିଯୋଗ କରିଛନ୍ତି। ପାଚିକାମାନେ ଅଣ୍ଡା ନେଇଥିଲେ ମଧ ପିଲାଙ୍କୁ ଦେଇ ନ ଥିବା ଅଭିଯୋଗ ହୋଇଛି। ମଙ୍ଗଳବାର କମ୍ ପିଲା ଥିବାରୁ ପ୍ରଧାନ ଶିକ୍ଷୟିତ୍ରୀ ୧୬୦ ଜଣଙ୍କ ପାଇଁ ମଧ୍ୟାହ୍ନଭୋଜନ ଯୋଗାଣକାରୀ ସଂସ୍ଥାକୁ ବରାଦ ଦେଇଥିଲେ। କିନ୍ତୁ ବୁଧବାର ୨୦୦ ଛାତ୍ରୀଛାତ୍ର ଆସିଥିଲେ। ସ୍ଥାନୀୟ ପାର୍କରେ ଯାଦୁଖେଳ ଦେଖିବାକୁ ଯାଇଥିବା ଷଷ୍ଠ ଓ ସପ୍ତମ ଶ୍ରେଣୀର ଛାତ୍ରୀଛାତ୍ର ଫେରିବା ବେଳକୁ ଖାଦ୍ୟ ସରିଯାଇଥିଲା। ପ୍ରାୟ ୨୦ରୁ ୩୦ଜଣ ଛାତ୍ରୀଛାତ୍ରଙ୍କୁ ଖାଦ୍ୟ ମିଳି ନ ଥିଲା। ପ୍ରଧାନ ଶିକ୍ଷୟିତ୍ରୀ ସଂଘମିତ୍ରା ଭୁକ୍ତା କହିଛନ୍ତି, ଅଧିକ ପିଲା ଉପସ୍ଥିତ ହେବା ଯୋଗୁ ଏପରି ସମସ୍ୟା ହୋଇଛି।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**କୁନ୍ଦୁରା,୧୨।୨(ଡି.ଏନ୍.ଏ.)**

କୁନ୍ଦୁରା ବ୍ଲକ କାର୍ଯ୍ୟାଳୟରେ ବିଡିଓଙ୍କ ନେତୃତ୍ୱରେ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ମଙ୍ଗଳବାର ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସରେ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ନବନିଯୁକ୍ତ ବିଡିଓ ସ୍ନେହପ୍ରଭା ମାଝି, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁମିତ୍ରା ଖରା, ମିଳିତ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ତ୍ରିନାଥ ହରିଜନ, ସମ୍ପାଦକ ନୟନ ବିଶୋୟୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୀମାଞ୍ଚଳ ମହାପାତ୍ର ଏଥିରେ ଉପସ୍ଥିତ ଥିଲେ। କୁନ୍ଦୁରା ବ୍ଲକ କେରିମିଟି ପଞ୍ଚାୟତରେ ଗତ ୩ ତାରିଖରେ ୧୮୩ ଜଣ ପଞ୍ଜିକୃତ ହୋଇଥିବା ୧୦୩ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର, ୪୧ ଜଣଙ୍କୁ ଆୟ ପ୍ରମାଣପତ୍ର, ୧୩ ଜଣଙ୍କୁ ଭତ୍ତା ଓ ୧୪ ଜଣଙ୍କୁ ଟ୍ରେନ୍ ପାସ୍ ଦିଆଯାଇଥିଲା। ଦିଗାପୁରରେ ଗତ ୫ ତାରିଖ ଅନୁଷ୍ଠିତ ଶିବିରରେ ୧୫୨ ଜଣ ପଞ୍ଜିକୃତ ହୋଇଥିବା ବେଳେ ୧୨୯ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର, ୨୪ ଜଣଙ୍କୁ ଆୟ ପ୍ରମାଣପତ୍ର, ୧୧ ଜଣଙ୍କୁ ଭତ୍ତା, ୮ ଜଣଙ୍କୁ ବାଣୀଶ୍ରୀ, ୧୭ ଜଣଙ୍କୁ ଆବାସ ଯୋଜନା, ୧୨ ଜଣଙ୍କୁ ଟ୍ରେନ୍ ପାସ୍ ଦିଆଯାଇଛି। ସେହିଭଳି ବ୍ଲକ ସଦରରେ ଅନୁଷ୍ଠିତ ଶିବିରରେ ୧୫୪ ଜଣ ପଞ୍ଜିକୃତ ହୋଇଥିବା ବେଳେ ୧୦୬ ଜଣଙ୍କୁ ଚିହ୍ନଟ ପରେ ଭିନ୍ନକ୍ଷମ ପ୍ରମାଣପତ୍ର, ୪୧ ଜଣଙ୍କୁ ଆୟ ପ୍ରମାଣପତ୍ର, ୧୫ ଜଣଙ୍କୁ ଭତ୍ତା, ୧୧ ଜଣଙ୍କୁ ଆବାସ, ୭ ଜଣଙ୍କୁ ଟ୍ରେନ୍‌ପାସ୍ ଦିଆଯାଇଛି। ଏହି ଅବସରରେ ଅନୁଷ୍ଠିତ ଶିବିରରେ ଜୟପୁର ବ୍ଲଡ଼ବ୍ୟାଙ୍କ ଅଫିସର ଡା. ଏସ୍.ଏସ୍. ମିଶ୍ର, ସହଦେବ ଖରା, ଅଭୟ ପଣ୍ଡା, ଜ୍ୟୋତି ରଞ୍ଜନ ବେହେରା ଉପସ୍ଥିତ ରହି ୩୫ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ।



ସାମର୍ଥ୍ୟ ଶିବିରରେ ହିତାଧିକାରୀ ଚିହ୍ନଟ କରାଯାଉଛି।

## ଡାକ୍ତରଖାନାରେ ଭଙ୍ଗାରୁଜା



ନବରଙ୍ଗପୁର, ୧୨।୨ (ବି.ପ୍ର.)

ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନାର ଭଙ୍ଗାରୁଜାକୁ ନେଇ ଥାନାରେ ଅଭିଯୋଗ ହୋଇଛି। ଡାକ୍ତରଖାନର ଜଣେ ଅସ୍ଥାୟୀ କର୍ମଚାରୀ ଖଗପତି ପୂଜାରୀଙ୍କ ସହ କବୀର ଦୀପର ଝଗଡା ହୋଇଥିଲା। କବୀର ମାଡ ମାରିବା ପାଇଁ ଖଗପତିଙ୍କ ପଛରେ ଦୌଡିଥିଲେ । ଖଗପତି ଚକ୍ଷୁ ବିଭାଗର ଅପ୍ଟୋପ୍ରଚାର ଗୃହ ଭିତରେ ପଶିଯାଇଥିଲା । ଏନେଇ କବୀର କବାଟକୁ ଧକ୍କା ଦେଇଥିଲା। ଧକ୍କା ଦେବା ସହ କାଚରେ ମୁଥ ମାରିବାରୁ ତାହା ଭାଙ୍ଗି ଯାଇଥିଲା । ଏହା ପରେ ଘଟଣା ସ୍ଥଳରୁ କବୀର ଫେରାର ହୋଇ ଯାଇଥିଲେ। ଏନେଇ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ (ମେଡିକାଲ) ସୁକାନ୍ତ ବେହେରା ଥାନାରେ ଅଭିଯୋଗ କରିଛନ୍ତି।

# ୧୨୫ ପଡା ଗାଁକୁ ବିଦ୍ୟୁତ୍ ସଂଯୋଗ ନାହିଁ

- ବିଦ୍ୟୁତ ବିଭାଗର ସମନ୍ୱୟ ବୈଠକ
- ମଙ୍ଗଲମ ଟିମ୍ବର ରାସ୍ତା କଡରେ ଲାଗିବ ଷ୍ଟ୍ରିଟ ଲାଇଟ

ନବରଙ୍ଗପୁର,୧୧।୨(ବି.ପ୍ର.)

ସ୍ଥାନୀୟ ମିଶନ ଶକ୍ତି ବୈଠକ ଗୃହରେ ଜିଲା ବିଦ୍ୟୁତ ସମନ୍ୱୟ ବୈଠକ ନବରଙ୍ଗପୁର ଏମପି ରମେଶ ଚନ୍ଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଜିଲାପରିଷଦ ଅଧ୍ୟକ୍ଷା ଭଗବତୀ ଭତରା, ଜିଲାପାଳ ଅଜିତ କୁମାର ମିଶ୍ର, ଉପଜିଲାପାଳ ଭାସ୍କର ରଇତୋ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସାଉଥକୋ ଏସଡିଓ ଏବଂ ନିର୍ବାହୀ ଯନ୍ତ୍ରୀ ତଥ୍ୟ ଉପସ୍ଥାପନ କରିଥିଲେ। ନବରଙ୍ଗପୁର ଜିଲାରେ ସୌଭାଗ୍ୟ ଯୋଜନାରେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ତେବେ ଠିକାଦାର ଓ କାମ କରୁଥିବା ଲୋକଙ୍କ ମଧ୍ୟରେ ସମନ୍ୱୟ ଅଭାବ ଲାଗି ମିଟର ଗୁଡିକ କିଛି ଗାଁରେ ଲଗାଯାଇ ନାହିଁ। ଏନେଇ ଗୁରୁତ୍ୱ ଦେବାକୁ ନବରଙ୍ଗପୁର ବିଧାୟକ ପରାମର୍ଶ ଦେଇଥିଲେ । ବିଦ୍ୟୁତ ଆଘାତରେ ଦୁର୍ଘଟଣା ଘଟି ମୃତ୍ୟୁ ବରଣ କଲା ପରେ ଅନେକ କଥା ଚିନ୍ତା କରିବାକୁ ପଡୁଛି । ଏଥିପାଇଁ ନିୟମ ଅନୁଯାୟୀ ଯେତିକି ଉଚ୍ଚତାରେ ତାର ରହିବା ଆବଶ୍ୟକ ରହିଛି ତାହା ପାଳନ କରାଯାଉ ବୋଲି ଏମପି ମାଝୀ କହିଥିଲେ। ନବରଙ୍ଗପୁର ଜିଲାରେ ଲୁହାଖୁଣ୍ଟି ଗୁଡିକ କାଢି ନୂତନ ଭାବେ ସିମେଣ୍ଟ ଖୁଣ୍ଟ ଲଗାଯିବା ପାଇଁ ୮୦ କୋଟି ଟଙ୍କା ବ୍ୟୟ ହେବ ବୋଲି ଆକଳନ କରାଯାଇ ୩ ବର୍ଷ ତଳେ ବିଭାଗକୁ ଦର୍ଶା ଯାଇଥିଲା । ତେବେ କୌଣସି ଅନୁଦାନ ଆସିନଥିବା ସାଉଥକୋ ପକ୍ଷରୁ ସୂଚନା ଦିଆଯାଇଥିଲା । ତେବେ ଜିଲାପାଳ ପୁଣି ଅନୁଦାନ ପାଇଁ ଜଣାଇବେ ବୋଲି କହିଥିଲେ । ରାସ୍ତା ନିର୍ମାଣ ସମୟରେ ଉଚ୍ଚ ହୋଇ ଯାଉଛି । ରାସ୍ତା କଡରେ ଲାଗି ଥିବା ଖୁଣ୍ଟ ଗୁଡିକ ତଳୁଆ ହୋଇ ରହିଯାଉଛି । ଏହା ଦ୍ୱାରା ବିଦ୍ୟୁତ ଦୁର୍ଘଟଣାର ଅଧିକ ସମ୍ଭାବନା ରହୁଛି । ରାସ୍ତା ଚଉଡା କରାଯିବା ପରେ ବିଦ୍ୟୁତ ଖୁଣ୍ଟ ଗୁଡିକ ରାସ୍ତାକୁ ଲାଗି ରହି ଯାଉଛି । ଏହା ଦ୍ୱାରା ଦୁର୍ଘଟଣା ଗୁଡିକ ଘଟୁଛି । ସାଉଥକୋକୁ ଖୁଣ୍ଟ ଗୁଡିକ ହଟାଇବା ପାଇଁ କୁହାଗଲେ ମଧ୍ୟ ସେଥିପ୍ରତି ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଥିଲା। ।

ନବରଙ୍ଗପୁର ଜିଲାରେ ୮୭୨ଟି ରାଜସ୍ୱ ଓ ୨୧୬୮ଟି ପଡା ଗାଁ ରହିଛି । ୧୨୫ଟି ପଡାଗାଁକୁ ଏଯାଏ ବିଦ୍ୟୁତ ସଂଯୋଗ ହୋଇନଥିବା ସୂଚନା ଦିଆଯାଇଥିଲା । ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ କହିଥିଲେ ଯେ, ପାପଡାହାଣ୍ଡି ବ୍ଲକର ଅନେକ ଗାଁରେ ବିଦ୍ୟୁତ ସଂଯୋଗୀ କରଣ ଏଯାଏ ହୋଇ ନାହିଁ। ସେହିଭଳି କୁସମଗୁଡା, ଗୁହପାଣିପଦର ଆଦି ଗାଁକୁ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ରାସ୍ତା ନିର୍ମାଣ କରାଯିବାକୁ କହିଥିଲେ। ପ୍ରଧାନମନ୍ତ୍ରୀ ସଡକ ଯୋଜନା ରାସ୍ତା କେଉଁ ଗାଁକୁ ଆବଶ୍ୟକ ରହିଛି ତାହାର ତାଲିକା ପ୍ରସ୍ତୁତ କରି ସରକାରଙ୍କ ନିକଟକୁ ପ୍ରସ୍ତାବ ଦିଆଯିବାକୁ ନିଷ୍ପତ୍ତି ହୋଇଥିଲା । ସେହିଭଳି ବରିପଦର ବିଦ୍ୟାଳୟ, ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରିସରରେ ବିଦ୍ୟୁତ ତାର ଗୁଡିକ ଓହଳି ରହିଛି ସେଗୁଡିକ ହଟାଇବା ପାଇଁ କୁହାଯାଇଥିଲା । ନବରଙ୍ଗପୁର ସହରର ମଙ୍ଗଲମ ଟିମ୍ବର ହିର୍ଲି ରାସ୍ତା କଡରେ ଷ୍ଟ୍ରିଟ ଲାଇଟ ଲଗାଯିବାକୁ ବ୍ୟବସ୍ଥା ଗ୍ରହଣ କରିବାକୁ ଜିଲାପାଳ କହିଥିଲେ । ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ଏହି କାର୍ଯ୍ୟ କରାଯିବ ବୋଲି ସାଉଥକୋ ଏସଡିଓ କହିଥିଲେ । ପୁରୁଣା ମଣ୍ଡେଇ(ପୋଲିସ) ପଡିଆ ଖେଳ ପଡିଆଭାବେ ବ୍ୟବହାର ହେବ । ଏହାର ଚତୁଃପାର୍ଶ୍ୱରେ ବିଦ୍ୟୁତ ସଂଯୋଗୀ କରଣ କରାଯାଇ ଲାଇଟ ଗୁଡିକ ଲଗାଯିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ । ସହରିକରଣ ବିଦ୍ୟୁତ ଉନ୍ନତି କରଣ ପାଇଁ ୨ କୋଟି ଟଙ୍କା ରହିଛି । ଚଳିତ ବର୍ଷ ଟଙ୍କା ଟିଏ ମଧ ଅନୁଦାନ ଆସିନାହିଁ । ୨ କୋଟି ୩୪ ଲକ୍ଷ ଟଙ୍କା ସୁଧ ଟଙ୍କା ରହିଛି ତହା ମଧ ଫେରାଇ ଦେବାକୁ ଚିଠି ହୋଇଛି । ସୌଭାଗ୍ୟ ଯୋଜନାରେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ଅନୁଦାନର ଆବଶ୍ୟକ ନଥିବା କୁହାଯାଉଛି । ଏନେଇ ଗ୍ରାମୀଣ ବିଦ୍ୟୁତ ଉନ୍ନତି କରଣରେ ସମସ୍ୟା ଦେଖା ଦେଉଛି ବୋଲି ସୂଚନା ଦିଆଯାଇଥିଲା ।

# ନବରଙ୍ଗପୁର, କୋରାପୁଟ ଜିଲାର ୭୭୮.୧୩ ଏକର ଜମି ଅଧିଗ୍ରହଣ ହେବ

## ଜୟପୁର-ନବରଙ୍ଗପୁର ନୂତନ ରେଳପଥ ସମ୍ପ୍ରସାରଣ ନେଇ ବୈଠକ

- ୪ଟି ସ୍ଥାନରେ ହେବ ଷ୍ଟେଶନ
- ଜୟପୁର-ନବରଙ୍ଗପୁର ନୂତନ ରେଳପଥ ସମ୍ପ୍ରସାରଣ ୪୧.୪ କିଲୋମିଟର ହେବ
- ୨୦ ଗାଁ ଦେଇ ରେଳପଥ ଯିବ

ନବରଙ୍ଗପୁର,୧୨।୨(ବି.ପ୍ର.)

ସ୍ଥାନୀୟ ମିଶନ ଶକ୍ତି ବୈଠକ ଗୃହରେ ଜୟପୁର-ନବରଙ୍ଗପୁର ନୂତନ ରେଳପଥ ସମ୍ପ୍ରସାରଣ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ଉପରେ ପ୍ରଥମ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ନବରଙ୍ଗପୁର ଏମପି ରମେଶ ଚନ୍ଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଜିଲାପରିଷଦ ଅଧ୍ୟକ୍ଷା ଭଗବତୀ ଭତରା, ଜିଲାପାଳ ଅଜିତ କୁମାର ମିଶ୍ର, କୋରାପୁଟ ଜିଲା ଅତିରିକ୍ତ ଜିଲାପାଳ ଦେବେନ କୁକାର ପ୍ରଧାନ, ପୂର୍ବତଟ ରେଲୱେ ଜଗଦଲପୁରର ଡେପୁଟି ଚିଫ ଇଂଜିନିୟର ଏମ.ଭି. ସତ୍ୟନାରୟଣ, ଉପଜିଲାପାଳ ଭାସ୍କର ରଇତୋ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରମୂଖ ଉପସ୍ଥିତ ଥିଲେ । ଜୟପୁର-ନବରଙ୍ଗପୁର ନୂତନ ରେଳପଥ ସଂପ୍ରସାରଣ ପାଇଁ ଜମି ଅଧିଗ୍ରହଣ ପାଇଁ ଜୟପୁର ଠାରେ ହୋଇଥିବା ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀ ପଦବୀ ଖାଲି ପଡିଛି। ତେବେ ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀ ନିଯୁକ୍ତି ପାଇଁ ପ୍ରୟାସ କରାଯିବ ବୋଲି ଏମପି କହିଥିଲେ । ଜୟପୁର-ନବରଙ୍ଗପୁର ନୂତନ ରେଳପଥ ସଂପ୍ରସାରଣ ୪୧.୪ କିଲୋମିଟର ହେବ । ଏନେଇ ନବରଙ୍ଗପୁର, କାଳିଆଗୁଡା, ବୋରିଗୁମ୍ମା ଓ ଜୟନ୍ତିଗିରି ଠାରେ ରେଳ ଷ୍ଟେସନ ହେବ । ଏନେଇ ୨୦ଟି ଗାଁ ଦେଇ ଏହି ରେଳ ଲାଇନ ହେବ। କୋରାପୁଟ ଜିଲାର ୭୩୨.୩୩ ଏକର ଜମି ଓ ନବରଙ୍ଗପୁର ଜିଲାର ନବରଙ୍ଗପୁର ଓ ଡାଇଭଟାର ୪୫ ଏକର ୮୦ ଡିସିମିଲ ଜମି ଅଧିଗ୍ରହଣ ହେବ । ସାମାଜିକ ପ୍ରଭାବିତ ଆକଳନ ପାଇଁ ୧୭ କୋଟି ୮୫ ଲକ୍ଷ ଟଙ୍କା ନବକୃଷ୍ଣ ଚୌଧୁରୀ ସଂସ୍ଥାକୁ ପ୍ରଦାନ କରାଯାଇଛି । ଆକଳନ ରିପୋର୍ଟ ରେଳ ବିଭାଗକୁ ଦେବେ ବୋଲି ସୂଚନା ଦିଆଯାଇଥିଲା ।

# ଡାକ୍ତରଖାନାର ସ୍ୱଚ୍ଛତାକୁ ଗୁରୁତ୍ୱ




ବୈଠକରେ ଉପସ୍ଥିତ ଜିଲାପାଳ, ଏମପି ଓ ଅନ୍ୟମାନେ ।

## ରୋଗୀ କଲ୍ୟାଣ ସମିତି ଓ ଗଭର୍ଣ୍ଣିଂ ବଡି ବୈଠକ

ନବରଙ୍ଗପୁର,୧୨।୨(ବି.ପ୍ର)

ଜିଲା ସଦର ମହକୁମା ଡାକ୍ତରଖାନାର ରୋଗୀ କଲ୍ୟାଣ ସମିତ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଏମପି ରମେଶ ଚନ୍ଦ୍ର ମାଝୀ ଅଧ୍ୟକ୍ଷତା କରିଥିଲେ । ଜିଲାପାଳ ଅଜିତ କୁମାର ମିଶ୍ର ଜିଲାରେ କୋରନା ଭୁତାଣୁକୁ ନେଇ କୌଣସି ଭୟ କରିବାର ନାହିଁ ବୋଲି କହିଥିଲେ । ଜିଲାରେ ବାର୍ଡଫ୍ଲୁ ମଧ୍ୟ ନଥିବା କହିଥିଲେ । ଏମପି ମାଝୀ ଜିଲା ଡାକ୍ତରଖାନାରେ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇଥିଲେ। ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଡାବୁଗାଁ ଅଞ୍ଚଳ ପାଇଁ ମହାପ୍ରୟାଣ ଗାଡି ଦେବାକୁ କହିଥିଲେ । ଏହି ଜିଲାରେ ବି-ଫୋର ଲେବର କରାଗଲେ ଡାକ୍ତର ମାନେ ପ୍ରାୟ ୪୦ହଜାର ଅଧିକ ଅର୍ଥ ପାଇପାରିବେ, ତେଣୁ ଏଥିପ୍ରତି ପଦକ୍ଷେପ ନେବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ରୋଗୀଙ୍କ ବେଡରେ ସପ୍ତାହର ୭ ଦିନରେ ୭ଟି ରଙ୍ଗର ବୋର୍ଡର ଥିବା ବେଡ ସିଟ ବଦଳାଇବା ପାଇଁ କୁହା ଯାଇଥିଲା । ତୃତୀୟ ଓ ଚତୁର୍ଥଶ୍ରେଣୀ କର୍ମଚାରୀ ତଥା , ଅସ୍ଥାୟୀ କର୍ମଚାରୀ ନିଯୁକ୍ତିରେ ଜିଲାର ପିଲାଙ୍କୁ ନିଯୁକ୍ତି ଦେବାକୁ ଏମପି କହିଥିଲେ । ରବିବାର ଆହର କେନ୍ଦ୍ର ବନ୍ଦ ରହୁଛି । ଏହାକୁ ନିୟମିତ ଖୋଲିବାକୁ ପଦକ୍ଷେପ ନେବାକୁ ସେ ପରାମର୍ଶ ଥିଲେ । ଡାକ୍ତରମାନେ ରୋଗୀଙ୍କୁ ବାହାର ଔଷଧ ନଲେଖିବାକୁ ସୁନିଶ୍ଚିତ କରିବାକୁ କହିବା ସହ ଡାୟଲିସିସ କେନ୍ଦ୍ରରେ ଏକ ବୋରୱେଲ ଖୋଳାଯିବା ପାଇଁ ପଦକ୍ଷେପ ନେବାକୁ ସିଡିଏମଓଙ୍କୁ ଜିଲାପାଳ କହିଥିଲେ । ସିଡିଏମଓସନ୍ତୋଷ କୁମାର ସ୍ୱାଇଁ ଜିଲା ମୁଖ୍ୟଡାକ୍ତରଖାନର ସୌନ୍ଦର୍ଯ୍ୟ କରଣ ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ କହିଥିଲେ । ଡାକ୍ତରଖାନା ପରିଚାଳକ ରୂପସୀ ମଧୁମିତା ନାୟକ ଡାକ୍ତରଖାନାରେ ନିଯୁକ୍ତି ଦିଆଯାଇଥିବା ନୂତନ ବିଶେଷଜ୍ଞଙ୍କ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ଭଗବତୀ ଭତରା, ଡିଆରଡିଏର ପ୍ରକଳ୍ପ ପ୍ରଶାସକ ରମାକାନ୍ତ ନାୟକ, ଉପଜିଲାପାଳ ଭାସ୍କର ରଇତ, ଖ୍ରୀଷ୍ଟିୟାନ ହସ୍ପିଟାଲର ଅଧିକ୍ଷକ ଡାକ୍ତର ସନ୍ତୋଷ ନାଗ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ଯୋଗ ଦେଇଥିଲେ ।

ଏହାପରେ କାର୍ଯ୍ୟନିର୍ବାହୀ ବୈଠକ ଜିଲାପରିଷଦ ଅଧ୍ୟକ୍ଷା ଭଗବତୀ ଭତରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଜାତୀୟ ସ୍ୱାସ୍ଥ୍ୟମିଶନର ଡିପିଏମ ସୁଶାନ୍ତ ପ୍ରହରାଜ ଜିଲାରେ ଅଧିକ ୩ଟି ମହାପ୍ରୟାଣ ଗାଡି ଆସିଥିବା ବେଳେ ୬ଟି ନୂଆ ଆମ୍ବୁଲାନ୍ସ ଅଣାଯାଇଥିବା କୁହାଯାଇଥିଲା । ୭୩୭ ଜଣ ସିକଲସେଲ ରୋଗୀଙ୍କୁ ମାସିକ ୫୦୦ଟଙ୍କା ଲେଖାଏଁ ଦିଆଯାଉଛି । ନବରଙ୍ଗପୁର ସହରରେ ଏକ ସହରାଞ୍ଚଳ ଡାକ୍ତରଖାନା ଖୋଲାଯିବାକୁ ସ୍ୱାସ୍ଥ୍ୟବିଭାଗକୁ ପ୍ରସ୍ତାବ ଯାଇଥିବା ସିଡିଏମଓ କହିଥିଲେ । ଜିଲାର ଡିଜିଟାଲ ଡିସପେନସାରି ବନ୍ଦ ହୋଇଥିବା ନେଇ ଏମପି ନାପସନ୍ଦ କରିଥିଲେ। । ତେବେ ଏହାର ପୁନର୍ବାର ଚାଲୁକରିବାକୁ ସଂପୃକ୍ତ ସଂସ୍ଥା ସହ ଯୋଗଯୋଗ କରାଯାଉଥିବା ଜିଲାପାଳ କହିଥିଲେ । ଏଠାରେ ସିକଲସେଲ ପରୀକ୍ଷା କେନ୍ଦ୍ର କରାଯିବାକୁ ବୈଠକରେ ମତ ପ୍ରକାଶ ପାଇଥିଲା। ଖ୍ରୀଷ୍ଟିୟାନ ଡାକ୍ତରଖାନାରେ ଏହି ପରୀକ୍ଷା କରାଯାଉଥିବାରୁ ଏହାର ସୁବିଧା ନେବାକୁ ଖ୍ରୀଷ୍ଟିୟାନ ଡାକ୍ତରଖାନାର ଅଧିକ୍ଷକ ଡାକ୍ତର ସନ୍ତୋଷ ନାଗ କହିଥିଲେ। ପରେ ନିଷ୍କ୍ରୟ ପୋଷଣ ଯୋଜନା ସମ୍ପର୍କରେ ୧୪ଶହ ଜଣଙ୍କୁ ୫ ଶହ ଟଙ୍କା ଲେଖାଏ ଯୋଗାଇ ଦିଆଯାଉଛି । ଗାଁ କଲ୍ୟାଣ ସମିତିଙ୍କୁ ୧୦ ହଜାରଟଙ୍କା ଲେଖାଏ ଯୋଗାଇ ଦିଆଯାଉଛି। ସେଥିମଧ୍ୟରୁ ୬୨ ପ୍ରତିଶତ ଅର୍ଥ ଖର୍ଚ୍ଚ ହୋଇଥିବା ଜିଲା ସ୍ୱାସ୍ଥ୍ୟ ମିଶନ ପ୍ରୋଗ୍ରାମ ମ୍ୟାନେଜର ସୁଶାନ୍ତ କୁମାର ପ୍ରହରାଜ କହିଥିଲେ।

# ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

ଚନ୍ଦାହାଣ୍ଡି, ୧୨।୨(ଡି.ଏନ.ଏ.)–

ଚନ୍ଦାହାଣ୍ଡି ବ୍ଲକ ମୋହରା ପଞ୍ଚାୟତ ଅନ୍ତର୍ଗତ ପୁଜାରୀଗୁଡାଠାରେ ବ୍ଲକସ୍ତରୀୟ କୃଷକସମ୍ପର୍କ ମେଳା ଅନୁଷ୍ଠିତ ହୋଇଛି । ଆତ୍ମା ଅଧ୍ୟକ୍ଷ ଗୌରହରି ନାୟକ ଅଧ୍ୟକ୍ଷତା କରିଥିବାବେଳେ ସହକାରୀ କୃଷି ଅଧିକାରୀ ପ୍ରଶାନ୍ତ କୁମାର ବାଘ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ମୁଖ୍ୟବକ୍ତା କୃଷି ଅଧିକାରୀ ବ୍ରଜକିଶୋର ଲେଙ୍କା, ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷ ଟିକମ ସିଂ ନାୟକ, ଏମପି ଜିଲା ପ୍ରତିନିଧି ପ୍ରମୋଦ କୁମାର ପାଢି, ଜିଲା ପରିଷଦ ସଭ୍ୟ ସନିନ୍ଦ୍ର ଶୋରୀ, ଶ୍ୟାମସୁନ୍ଦର ମାଝି, ଉପାଧ୍ୟକ୍ଷା ସୁଭଦ୍ରା ସିହ୍ନା ଯୋଗ ଦେଇଥିଲେ । ଉନ୍ନତ ଚାଷୀ ଭାବରେ ଫଟକି ଗ୍ରାମର ଗଣେଶ୍ୱର ଟୋଲକିଆ, ମତ୍ସ୍ୟଚାଷୀ ଅନକାବେଡା ପଞ୍ଚାୟତ ସନ୍ଧିମୁଣ୍ଡା ଗ୍ରାମର କମଳେଶ୍ୱର କେଉଟ ଓ ଶୁଚନ କେଉଟଙ୍କୁ ମୋପେଡ କିଣିବା ପାଇଁ ୨୦, ୨୫୦ ଟଙ୍କା ଏବଂ ଚାରୁଚନ୍ଦ୍ର କେଉଟଙ୍କୁ ଆଇସବକ୍ସ କିଣିବା ପାଇଁ ୨୩୦୦ଟଙ୍କା ପ୍ରଦାନ କରାଯାଇଥିଲା। ଉମରକୋଟ ଜିଲା କୃଷି ଅଧିକାରୀ ସତ୍ୟପ୍ରକାଶ ସାମନ୍ତରାୟ, ମତ୍ସ୍ୟ ଅଧିକାରୀ ବିକାଶ ପଟେଲ, ମୃତ୍ତିକା ସଂରକ୍ଷଣ ବିଭାଗ ଅଧିକାରୀ ସମିର ଶବର, ପ୍ରାଣୀ ଚିକିତ୍ସା ଅଧିକାରୀ ନିମୋ ମୁର୍ମୁ ଡ. ରୁଦ୍ରପ୍ରସାଦ ମହାଳିକ, ସମସ୍ତ କୃଷି ଅଧିକାରୀ ଯୋଗ ଦେଇଥିଲେ ।

# ପୋଡାଗଡ଼ ମଣ୍ଡେଇରେ ଦେବୀଙ୍କ କଚେରି

## ଦୁଃଖ ଜଣାଇଲେ ଶ୍ରଦ୍ଧାଳୁ

ଧୋଡ୍ରା,୧୨।୨(ଡି.ଏନ.ଏ)

ଉମରକୋଟ ବ୍ଲକ ଭଣ୍ଡାରୀଗୁଡା ପଞ୍ଚାୟତରେ ଅନୁଷ୍ଠିତ ହେଉଥିବା ଐତିହାସିକ ପୋଡାଗଡ ମଣ୍ଡେଇ ବୁଧବାର ଶେଷ ହୋଇଛି। ମଙ୍ଗଳବାର ପୋଡାଗଡ ମଣ୍ଡେଇର ୨ୟ ଦିବସରେ ଦେବୀଙ୍କ କଚେରୀ ଓ ମେଳଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୋଡାଗଡର ୩ ମୁଠା ଅର୍ଥାତ ବୋରିଗାଁ, ପରିଆ, ହିରାପୁର ସମେତ ପଡୋଶୀ ଛତିଶଗଡର ଗିର୍ଲା, ଜୟନ୍ତିଗିରି, କର୍ପାୱଣ୍ଡ, ବୋକାୱଣ୍ଡ, କଲାବଲୀ, ପାତ୍ରୀ, ଅମରାବତୀ ଏବଂ ୯୩ ଟି ମୌଜାର ଆଦି ସ୍ଥାନରୁ ଦେବାଦେବୀଙ୍କ ପ୍ରତୀକ ଲାଠି, କୁର୍ସି, ପାଲିଙ୍କି, ଖଣ୍ଡା ଅଣାଯାଇ ଥିଲା। ବିଭିନ୍ନ ସ୍ଥାନରୁ ୨୦୦ରୁ ଅଧିକ ଦେବୀ ଆସିଥିଲେ। ନିଜ ନିଜ ଅଞ୍ଚଳର ଦୈବ ଦୁର୍ବିପାକ, ଅସୁବିଧା ସମ୍ପର୍କରେ କଚେରୀରେ ଲୋକମାନେ ଅଭିଯୋଗ କରିଥିଲେ। ମଣ୍ଡେଇକୁ ଆସିଥିବା ଯୋଗିନୀଙ୍କୁ କାଳିସୀ ଲାଗିଥିଲା। କାଳିସୀ ଲାଗିବା ସମୟରେ ସେମାନେ ଦେବୀଙ୍କ କାନରେ ନିଜ ଅଞ୍ଚଳର ଦୁଃଖ ଜଣାଇଥିଲେ। ଏହା ପରେ ଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ସ୍ଥାନୀୟ ଆଦିବାସୀଙ୍କ ବିଶ୍ୱାସ ରହିଛି ଯେ ଆଦ୍ୟଶକ୍ତି ହିଁ ଏ ସବୁର ସୃଷ୍ଟିକର୍ତ୍ତା। ତେଣୁ ସମସ୍ତ ଦେବୀଙ୍କ ପୂଜାକୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ। ଦେବୀଙ୍କ କଚେରୀ କାର୍ଯ୍ୟ ଦେଖିବାକୁ ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ରାଜା ବଂଶଙ୍କ ସମୟରୁ ଏଠାରେ ବର୍ଷକୁଥରେ ମାଘ ପୂର୍ଣ୍ଣିମା ତିଥିରେ ଦେବାଦେବୀଙ୍କ ମେଳଣ ହୁଏ। ମଣ୍ଡେଇ ପଡିଆରେ ବିଭିନ୍ନ ପ୍ରକାରର ଦୋକାନ, ରାମଦୋଳି, ସର୍କସ, ଦେବାଦେବୀଙ୍କ ପାରମ୍ପାରିକ ସରଞ୍ଜାମ, ଆକର୍ଷଣୀୟ ପଥରର ସାମଗ୍ରୀ ଆଦିର ପସରା ପଡିଛି। ବୁଧବାର ମଣ୍ଡେଇର ଶେଷ ଦିନ ଥିଲା। ଏଥିରେ ପୋଡାଗଡ ଇତିହାସକୁ ନେଇ ରଚିତ 'ଦର୍ପଣ' ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଏଥିରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ନବରଙ୍ଗପୁର ଏମପି ରମେଶ ମାଝି, ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ପ୍ରମୋଦ ପାଢୀ, ଅଜିତ ପ୍ରଧାନ, ସହକାରୀ ବନ ସଂରକ୍ଷଣ ସାଲିମଧରମ ସିଂ, ଆତୁଳ ବୈରାଗୀ ପ୍ରମୁଖ ଯୋଗ ଦେଇଥିଲେ। ୩ ଦିନ ଧରି ଚାଲୁଥିବା ଏହି ମଣ୍ଡେଇ ପୋଡାଗଡ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି ବୋଲି ଉପଦେଷ୍ଟା କୈଳାସ ବେହେରା, ଉର୍ଦ୍ଧବ ଚରଣ ନାୟକ, ଜଗଦୀଶ ନାୟକ, ପୁରୁଷୋତ୍ତମ ଭତ୍ରା, ତୁଳସୀ ରାମ ଭତ୍ରା, ଦେବି ସିଂ ମାଝି ପ୍ରମୁଖ କହିଛନ୍ତି।



ମଣ୍ଡେଇକୁ ଆସିଥିବା ଲାଠି, କୁର୍ସି।



